## ପୋଲ ତଳକୁ ଖସିଲା ୧୦୮ ଆମ୍ବୁଲାନ୍ସ



ସୁନ୍ଦରଗଡ଼,(ଡି.ଏନ୍.ଏ): ସର୍ଗିପାଲି -ଅଏଁଲାବାହାଲ ରାସ୍ତାର ଝୁରିମାଲ ନିକଟରେ ଶୁକ୍ରବାର ଏକ ୧୦୮ ଆମ୍ବୁଲାନ୍ସ ଛୋଟ ପୋଲ ତଳକୁ ଭାରସାମ୍ୟ ହରାଇ ଖସିପଡ଼ିଥିଲା। ଆମ୍ବୁଲାନ୍ସରେ କୌଣସି ରୋଗୀ ନ ଥିବା ବେଳେ ଚାଳକ ଓ ଅନ୍ୟ ଜଣେ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ହୋଇଥିବା ଆମ୍ବୁଲାନ୍ସର ନଂ. ଓଆର ୧୬ଜି -୫୨୨୯।

## ସଂକ୍ଷେପରେ

### ବିଲେଇଗଡ଼ ଗ୍ରାମ ମାଇକ୍ରୋ କଣ୍ଟେନମେଣ୍ଟ

**ରାଜଗାଙ୍ଗପୁର,୨୩।୪ (ଡି.ଏନ.ଏ.):** ରାଜଗାଙ୍ଗପୁର ବ୍ଲକର ଢେ଼ଲୁଆ ପଞ୍ଚାୟତର ବିଲେଇଗଡ ଗ୍ରାମରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସୁନ୍ଦରଗଡ଼ ଉପଜିଲାପାଳ ଅଭିମନ୍ୟୁ ବେହେରା ଶୁକ୍ରବାର ତାଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୨୪୬୪ ମାଧମରେ ବିଲେଇଗଡ ଗ୍ରାମକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି ଓ ଏହା ଆସନ୍ତା ଏପ୍ରିଲ ୩୦ ପର୍ଯ୍ୟନ୍ତ ଲାଗୁ ରହିବ ।

### ବଡ଼ଗାଁ ଓ ଇତମା ପଞ୍ଚାୟତ ପୁଣି ଲକ୍‌ଡାଉନ

**ବଡଗାଁ, ୨୩।୪ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ କମୁ ନଥିବାରୁ କେତେକ ପଞ୍ଚାୟତରେ ପୁଣିଥରେ ଲକଡାଉନ କରି ସଂକ୍ରମଣ ଶୃଙ୍ଖଳକୁ ଭାଙ୍ଗିବାକୁ ଉଦ୍ୟମ କରାଯାଉଛି । ଗତ ୧୫ ରୁ ୧୭ ତାରିଖ ୩ ଦିନ ବଡଗାଁ ପଞ୍ଚାୟତ ଲକଡାଉନ କରାଯାଇଥିଲା। କିନ୍ତୁ ସଂକ୍ରମଣ ମାଡି ଚାଲିଥିବାରୁ ପୁଣି ଥରେ ଲକଡାଉନ ଘୋଷଣା କରାଯାଇଛି । ଶନିବାର ଓ ରବିବାର ୨ ଦିନ ବଡଗାଁ ପଞ୍ଚାୟତ ଲକଡାଉନ ରହିବ । ଔଷଧ ଦୋକାନ ବ୍ୟତିତ ଅନ୍ୟ ସମସ୍ତ ଦୋକାନ, ବଜାର, ହାଟ ବନ୍ଦ ରହିବ । ବଡଗାଁ ଭଳି ଇତମା ପଞ୍ଚାୟତକୁ ୧୬ରୁ ୧୮ ତାରିଖ ଲକଡାଉନ କରାଯାଇଥିଲା । ଏହି ପଞ୍ଚାୟତରେ ସଂକ୍ରମଣ ଦୃତବୃଦ୍ଧି ଦେଖାଦେବାରୁ ଶନିବାର ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ୭ ଦିନ ପାଇଁ ଲକଡାଉନ କରାଯାଇଛି। ତେବେ ବଡଗାଁ ବସଷ୍ଟାଣ୍ଡ ଠାରେ ଜନଗହଳି ରହୁଥିବା ଓ ଲୋକେ ଅମାନିଆ ହେଉଥିବାରୁ ଶୁକ୍ରବାର ପୂର୍ବାହ୍ନରେ ତହସିଲଦାର ବିନୟ କୁଲୁ, ଥାନା ଅଧିକାରୀ ଭଗବାନ ପୂଜାରୀ, ପୂର୍ବତନ ସରପଞ୍ଚ ବସନ୍ତ ଡନସନାଙ୍କ ସହିତ କେତେକ ବ୍ୟକ୍ତି ଦୋକାନୀ ମାନଙ୍କୁ ଗହଳି ନ କରିବା, ମାକ୍ସ ପିନ୍ଧିବାକୁ ବୁଝାଇବା ସହିତ ନ ମାନିଲେ ଦଣ୍ଡିତ କରିବାକୁ ଚେତାବନୀ ଦେଇଛନ୍ତି। ସଂକ୍ରମଣ ବିସ୍ଫୋରୋକ ରୂପ ଧାରଣ କରିଥିବା ଓ ପ୍ରବାସୀଙ୍କ ଆଗମନକୁ ଦୃଷ୍ଟିରେ ରଖି ବଡଗାଁ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ରାଜପଥ ପାର୍ଶ୍ୱ କମ୍ୟୁନିଟି ସେଣ୍ଟରକୁ ଆଇସୁଲେସନ୍ ସେଣ୍ଟର କରାଯାଇଛି ।

# ବଢ଼ିବ ୧୦ ଭେଣ୍ଟିଲେଟର ବେଡ୍

**ସୁନ୍ଦରଗଡ଼, ୨୩।୪ (ଡି.ଏନ୍.ଏ)**

କୋଭିଡ୍ ପରିସ୍ଥିତିର ମୁକାବିଲା ପାଇଁ ସୁନ୍ଦରଗଡ଼ସ୍ଥିତ ଏନ୍‌ଟିପିସି କୋଭିଡ୍ ହସ୍ପିଟାଲ କିପରି ପ୍ରସ୍ତୁତ ରହିଛି ତା'ର ସ୍ଥିତି ସମୀକ୍ଷା କରିଛନ୍ତି ଜିଲାପାଳ ନିଖିଲ ପବନ କଲ୍ୟାଣ। ଶୁକ୍ରବାର ଏନ୍‌ଟିପିସି ହସ୍ପିଟାଲ ପରିଦର୍ଶନରେ ଯାଇ କୋଭିଡ୍ ଟେଷ୍ଟିଂ, ଚିକିତ୍ସା ଏବଂ ଟିକାକରଣ କାର୍ଯ୍ୟକ୍ରମର ସେ ଅନୁଧ୍ୟାନ କରିଥିଲେ। କୋଭିଡ୍ ଆକ୍ରାନ୍ତମାନଙ୍କ ଚିକିତ୍ସାକୁ ପ୍ରାଥମିକତା ଦେବା ଲାଗି ଜିଲାପାଳ ହସ୍ପିଟାଲର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏନ୍‌ଟିପିସି କୋଭିଡ୍ ହସ୍ପିଟାଲକୁ ଆସୁଥିବା ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଖୁବ୍‌ଶୀଘ୍ର ଅଧିକ ୧୦ଟି ଭେଣ୍ଟିଲେଟର ବେଡ୍‌ର ସୁବିଧା କରାଯିବ ବୋଲି ଜିଲାପାଳ ଏହି ଅବସରରେ ପ୍ରକାଶ କରିଛନ୍ତି। ଏନ୍‌ଟିପିସି ହସ୍ପିଟାଲରେ କୋଭିଡ ପରିଚାଳନା ବ୍ୟବସ୍ଥା ଅନୁଧ୍ୟାନ ଓ ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଜିଲାରେ କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

ଏନଟିପିସି ହସ୍ପିଟାଲରେ ୧୦ଟି ଭେଣ୍ଟିଲେଟର ବେଡ୍ ବ୍ୟବସ୍ଥା କରାଯାଉଛି। ଏଠାରେ ଆରଟିପିସିଆର ଟେଷ୍ଟିଂ ସଂଖ୍ୟା ବୃଦ୍ଧି କରାଯିବା ସହ ଟିକାକରଣକୁ ଆହୁରି ବ୍ୟାପକ କରାଯିବ। ଏଥିପାଇଁ ଆବଶ୍ୟକ କର୍ମଚାରୀଙ୍କୁ ନିୟୋଜିତ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ସ୍ୱଚ୍ଛତା ରକ୍ଷା କରିବା ଲାଗି ନିୟମିତ ବ୍ୟବଧାନରେ ହସ୍ପିଟାଲ ପରିସରକୁ ବିଶୋଧନ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି।

ଏହି ଅବସରରେ ଏନଟିପିସି ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ ଜିଲାପାଳ। ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ମଧ୍ୟ ଜିଲାପାଳଙ୍କ ସହିତ ଏହି ହସ୍ପିଟାଲ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିକହିଥିଲେ ଯେ, ଏହି ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ଆମର ଲକ୍ଷ୍ୟ। ଶନିବାର ଅଗ୍ନିଶମ କର୍ମଚାରୀ, ପୋଲିସ ଏବଂ ହସ୍ପିଟାଲ କର୍ମଚାରୀଙ୍କ ମିଳିତ ସହଯୋଗରେ ଏକ ମକ୍ ଡ୍ରିଲ କରାଯିବ। ଜିଲାପାଳଙ୍କ ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ଏସ୍‌ଡିପିଓ ମଧୁସିକ୍ତା ମିଶ୍ର, ଅଗ୍ନି ନିରାପତ୍ତା ଅଧିକାରୀ ରବି ସାମଲ, ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଏନ୍‌ଟିପିସି ହସ୍ପିଟାଲର ପ୍ରମୁଖ ଅଧିକାରୀ ଓ ଡାକ୍ତରମାନେ ଉପସ୍ଥିତ ଥିଲେ।

ଏନଟିପିସି କୋଭିଡ୍ ହସ୍ପିଟାଲରେ ରୋଗୀଙ୍କ ଚିକିତ୍ସା ପାଇଁ ୪୦୦ ଶଯ୍ୟା ରହିଛି। ୧୮୦ ଆକ୍ରାନ୍ତ ଏବେ ଚିକିତ୍ସିତ ହେଉଛନ୍ତି। ଏନ୍‌ଟିପିସି ହସ୍ପିଟାଲକୁ ଅଧିକ ସଂଖ୍ୟାରେ କୋଭିଡ୍ ଆକ୍ରାନ୍ତ ଆସୁଥିବାରୁ ଏଠାରେ ଚାଲିଥିବା ଟିକାକରଣ କାର୍ଯ୍ୟକ୍ରମକୁ ହସ୍ପିଟାଲ ପରିସରରେ ଆଉ ଗୋଟିଏ ସ୍ଥାନକୁ ସ୍ଥାନାନ୍ତର କରାଯିବ। ସେହିପରି ସୁନ୍ଦରଗଡ଼ ମାଦ୍ରିକାଲୋ ଭବନ ଏବଂ ଏନ୍‌ଟିପିସି କଲ୍ୟାଣ ମଣ୍ଡପରେ ୨୦୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ବା ଟିଏମ୍‌ସି ଖୋଲାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ସୂଚନା ଦେଇଥିଲେ।



ସମୀକ୍ଷା କରିବାକୁ ଯାଇଥିବା ଅବସରରେ ଜିଲାପାଳ, ସିଡ଼ିଏମ୍‌ଓ, ଏସ୍‌ପି ଏବଂ ଅନ୍ୟମାନେ।

- ଏନ୍‌ଟିପିସି ହସ୍ପିଟାଲରେ କୋଭିଡ୍ ପରିଚାଳନା ସମୀକ୍ଷା
- କୋଭିଡ୍ ଟେଷ୍ଟିଂ, ଚିକିତ୍ସା ଓ ଟିକାକରଣକୁ ଗୁରୁତ୍ୱ
- ଅଗ୍ନି ନିରାପତ୍ତା ବ୍ୟବସ୍ଥା ସ୍ଥିତି ଅନୁଧ୍ୟାନ
- ସୁନ୍ଦରଗଡ଼ରେ ଖୋଲିବ ୨୦୦ ଶଯ୍ୟା ବିଶିଷ୍ଟ ଟିଏମ୍‌ସି

# ଏମ୍‌ଜିବି ଉପରେ ସେଲ୍ କର୍ତ୍ତୃପକ୍ଷ ଏକ ପ୍ରତିଶତ ବଢ଼ିଲେ: ବିଏମ୍‌ଏସ୍

**ରାଉରକେଲା ଅଫିସ, ୨୩।୪**

ଶୁକ୍ରବାର ଅପରାହ୍ନ ୩ଟାରେ ଭିଡିଓ କନଫରେନସିଂ ମାଧ୍ୟମରେ ଏନଜେସିଏସ୍ କୋର କମିଟି ମିଟିଂ ହୋଇଥିଲା। ଏଥିରେ ସମସ୍ତ ଏନଜେସିଏସ ୟୁନିୟନରୁ ଦୁଇ ଜଣ ପ୍ରତିନିଧି ଭାଗ ନେଇଥିବାବେଳେ କର୍ତ୍ତୃପକ୍ଷଙ୍କ ତରଫରୁ ନିର୍ବାହୀ ନିର୍ଦ୍ଦେଶକ ପୋର୍ସୋନେଲ କେ.କେ ସିଂ, ନିର୍ଦ୍ଦେଶକ ଫାଇନାନ୍ସ ଅମିତ ସେନଙ୍କ ସହିତ ଚେୟାରମ୍ୟାନ ସୋମା ମଣ୍ଡଳ ଏବଂ ମୁଖ୍ୟ ଷ୍ଟିଲ ପ୍ଲାଣ୍ଟଗୁଡିକର ସିଇଓ ଉପସ୍ଥିତ ଥିଲେ। ମିଟିଂର ଆରମ୍ଭରୁ ହିଁ କର୍ତ୍ତୃପକ୍ଷ ପୁରୁଣା ପ୍ରସ୍ତାବ ଉପରେ ଅଡି ରହିଲେ। ୟୁନିୟନମାନେ ମଧ୍ୟ ତାଙ୍କର ପ୍ରସ୍ତାବରେ ଅଡି ରହିଲେ। ବାଧହୋଇ ଚେୟାରମ୍ୟାନ କହିଲେ କୌଣସି ପରିସ୍ଥିତିରେ ସେଲ୍ ୧୫ ପ୍ରତିଶତ ଏମଜିବି ଏବଂ ୩୫ ପ୍ରତିଶତ ପ୍ରେକ୍ସ ଦେବା ସ୍ଥିତିରେ ନାହିଁ ତେଣୁ ୟୁନିୟନମାନେ ତାଙ୍କ ଦାବିରୁ ତଳକୁ ଆସନ୍ତୁ । ଆଇଏନଟିୟୁସିର ସଞ୍ଜିବ ରେଡ୍ଡି ତାଙ୍କର ପ୍ରସ୍ତାବରେ ୧୨ ପ୍ରତିଶତ ଏମଜିବି ଦେଲେ ଗ୍ରହଣୀୟ ହେବ ବୋଲି କହିଲେ । କିନ୍ତୁ ଅନ୍ୟମାନେ ନିଜ ନିଜର ଦାବିରେ ଅଟଳ ରହିଲେ। ଶେଷକୁ ଚେୟାରମ୍ୟାନ କହିଲେ ଯେ, କର୍ତ୍ତୃପକ୍ଷ ଖୁବ ବେଶିରେ ଆଉ ଏକ ପ୍ରତିଶତ ଏମଜିବିରେ ବୃଦ୍ଧି କରିପାରିବ। ସେହିଭଳି ପ୍ରିଞ୍ଜି ବେନିଫିଟ ଉପରେ ମଧ୍ୟ ଚର୍ଚ୍ଚା ଅଧୁରା ରହିଲା । ବିଏମଜେ ତାର ସ୍ୱଷ୍ଟ ମତ ରଖିଲା ଯେ, ଅଫିସର ମାନଙ୍କୁ ଏମଜିବି ଏବଂ ପ୍ରିଞ୍ଜି ବେନିଫିଟରେ ଯାହା ଦେବ ସେହି ପରିମାଣର ବୃଦ୍ଧି ଶ୍ରମିକଙ୍କୁ ମଧ୍ୟ ମିଳୁ। ସିଆଇଟିୟୁ ତାର ୫ ବର୍ଷିଆରେ ୧୫ ପ୍ରତିଶତ ଏମଜିବି ଏବଂ ୩୫ ପ୍ରତିଶତ ପ୍ରିକ୍ସ ଏବଂ ଯେଉଁମାନଙ୍କର ଗ୍ରାଚ୍ୟୁଟି ସିଲିଂ ଲାଗିଛି ତାହାକୁ ୯ ପ୍ରତିଶତ ପେନସନ୍ ଦେବା ପାଇଁ ପ୍ରସ୍ତାବ ରଖିଲା। ଅନ୍ୟ ୟୁନିୟନମାନେ ମଧ୍ୟ ନିଜ ଦାବିରେ ଅଟଳ ରହିଲେ। ଶେଷକୁ ଚେୟାରମ୍ୟାନ ସମସ୍ତଙ୍କୁ ଅନୁରୋଧ କଲେ ଯେ, ଆଗକୁ ମଧ୍ୟ ମିଟିଂ ଜାରି ରହିବ। ତେଣୁ ୟୁନିୟନମାନେ ତାଙ୍କର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ସ୍ଥଗିତ ରଖନ୍ତୁ। ଏହା ଉପରେ ବିଏମଏସ୍‌ର ସ୍ୱଷ୍ଟ ମତ ଥିଲା ଯେ, ଦୁଇ ତାରିଖ ଭିତରେ ମିଟିଂ ଡକାଯାଇ ମଜୁରି ଚୁକ୍ତିନାମା ସମ୍ପନ୍ନ କରାଯାଉ। ନଚେତ ୟୁନିୟନ ତାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଯିବାକୁ ବାଧ୍ୟ ହେବ। ସିଟୁ ମଧ୍ୟ ଉପରୋକ୍ତ ମତକୁ ଦୋହରାଇଲା। ଏହି ମିଟିଂରେ ବିଏମଏସରୁ ଦେବେନ୍ଦ୍ର ପାଣ୍ଡେ, ହିମାଂଶୁ ବଳ, ଆଇଏମଟିୟୁସିରୁ ଡା. ସଞ୍ଜିବା ରେଡ୍ଡି, ବିଏନ ଗୌବେ, ସିଆଇଟିୟୁରୁ ତପନ ସେନ, ଲଳିତ ମିଶ୍ର, ଏମଏମଜେରୁ ସଞ୍ଜୟ ଭାଡାକର, ରାଜେନ୍ଦ୍ର ସିଂ, ଏଆଇଟିୟୁରୁ ରମେନ୍ଦ୍ର କୁମାର, ଡି. ଆଦିନାରାୟଣ ଉପସ୍ଥିତ ଥିଲେ।

# ଲୋକେ ରକ୍ଷା କରୁନାହାନ୍ତି ସାମାଜିକ ଦୂରତା

**କୁଚିଣ୍ଡା, ୨୩।୪(ଡି.ଏନ୍.ଏ.)**

ସାରା ରାଜ୍ୟରେ କରୋନାର ଦ୍ୱିତୀୟ ଲହର ପ୍ରକୋପ ଦ୍ରୁତ ଗତିରେ ବଢିବାରେ ଲାଗିଛି। କରୋନା ମହାମାରୀକୁ ହରାଇବାକୁ ହେଲେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ନିତାନ୍ତ ଆବଶ୍ୟକ। ରାସ୍ତାଘାଟ, ହାଟ, ସରକାରୀ କାର୍ଯ୍ୟାଳୟ କିମ୍ବା ବେସରକାରୀ କାର୍ଯ୍ୟାଳୟ ସବୁଠି ମାସ୍କ ପିନ୍ଧିବା ସହ ନିଜ ଭିତରେ ସାମାଜିକ ଦୂରତା ରକ୍ଷା କରିବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅମାନିଆଙ୍କୁ ସାବାଡ଼ କରିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ମାସ୍କ ଚେକିଂକୁ କଡାକଡ଼ି କରାଯାଇଛି ତଥାପି ଅମାନିଆ ସୁଧୁରୁନାହାଁନ୍ତି। ବର୍ତ୍ତମାନ ସୁନ୍ଦରଗଡ଼ ଜିଲା ସଂକ୍ରମିତ ଚିହ୍ନଟ ହେବାରେ ସର୍ବାଗ୍ରେ ରହିଛି। ସେମିତି କୁଚିଣ୍ଡା ବ୍ଲକରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ଚାଲିଛି। କୁଚିଣ୍ଡାର ହାଟ, ବଜାର, ଦୋକାନଗୁଡିକରେ ନିୟମକୁ ଲୋକେ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛନ୍ତି। ଶୁକ୍ରବାର କୁଚିଣ୍ଡା ମାର୍କେଟରେ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଏଠି ଦୋକାନକୁ ଆସୁଥିବା ଲୋକେ ସମ୍ପୂର୍ଣ୍ଣ ଭାବେ ସାମାଜିକ ଦୂରତାକୁ ଭୁଲି ଦେଇଥିଲେ। ସତେ ଯେମିତି କରୋନା ମହାମାରୀ ଭୟ ହିଁ ନାହିଁ। ଅନେକଙ୍କ ମୁହଁରେ ମାସ୍କ ନ ଥିବାବେଳେ ସାମାଜିକ ଦୂରତା ବୋଲି କିଛି ନ ଥିଲା। ଜିଲାରେ ସଂକ୍ରମଣ ସଂଖ୍ୟା ଉପରମୁହା ହେଉଥିବା ବେଳେ କୁଚିଣ୍ଡା ଅଞ୍ଚଳରେ ଲୋକେ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ବେପରୁଆ ଭାବରେ ରହୁଛନ୍ତି। ଫଳରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି।



କୁଚିଣ୍ଡାରେ ଲୋକେ ବିନା ମାସ୍କରେ ଜିନିଷ କିଣୁଛନ୍ତି।

# ଡମ୍ପର ଧକ୍କାରେ ବାଇକ୍ ଆରୋହୀ ମୃତ

**ଲହୁଣୀପଡା, ୨୩।୪ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସ୍ୱୟମ୍ବା ପଞ୍ଚାୟତର ସ୍ୱୟମ୍ବା ବାଳିକା ବିଦ୍ୟାଳୟ ନିକଟରେ ଗୁରୁବାର ଦୁର୍ଘଟଣା ଘଟିଛି। ଏକ ଡ଼ମ୍ପର-ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସିଲକୁଟା ଗ୍ରାମର ଚିଣ୍ଟୁ ସିଂ(୧୯) ଏବଂ ସେହି ଗ୍ରାମର ସ୍କୁଲ ଶିକ୍ଷୟିତ୍ରୀ ପ୍ରତିମା ଡୁଙ୍ଗଡୁଙ୍ଗ ଓଆର୍ ୧୬ ଇ- ୧୯୬୧ ବାଇକ ଯୋଗେ ବଣେଇରୁ ନିଜ ଗ୍ରାମକୁ ଫେରୁଥିବାବେଳେ ରେଞ୍ଜଡା ସାଇଡିଂରୁ ଦ୍ରୁତ ଗତିରେ ଆସୁଥିବା ଓଆର୍ ୧୪ ଆର- ୬୧୬୧ ନଂ. ଡମ୍ପର ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଦୁଇ ଜଣ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଫଳରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଦୁଇ ଜଣଙ୍କୁ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା । ରାଉରକେଲା ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଚିଣ୍ଟୁ ସିଂର ଗୁରୁବାର ରାତି ପ୍ରାୟ ୯ଟା ବେଳେ ମୃତ୍ୟୁ ଘଟିଛି। ଶିକ୍ଷୟିତ୍ରୀ ପ୍ରତିମା ଡୁଙ୍ଗଡୁଙ୍ଗ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ କେ.ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହିତ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

# ଆର୍‌ଏସ୍‌ପି ଦ୍ୱାରା ତରଳ ମେଡିକାଲ ଅମ୍ଳଜାନ ଯୋଗାଣ




ଆର୍‌ଏସ୍‌ପିରୁ ଏଲ୍‌ଏମ୍‌ଓରେ ଭର୍ତ୍ତି ଟ୍ୟାଙ୍କର ଅନ୍ୟ ରାଜ୍ୟକୁ ପଠାଯାଉଛି।

**ରାଉରକେଲା ଅଫିସ, ୨୩।୪**

କୋଭିଡ୍ ସଂକ୍ରମଣ ବୃଦ୍ଧି ଏବଂ ଗୁରୁତର ଅସୁସ୍ଥ ରୋଗୀଙ୍କ ପାଇଁ ମେଡିକାଲ ଗ୍ରେଡ୍ ଅମ୍ଳଜାନର ଅତ୍ୟଧିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଏବଂ ଏହାର ବିଲ୍ଡ ଓନ୍ ଆଣ୍ଡ ଅପରେଟ (ବିଓଓ) ପ୍ଲାଣ୍ଟ ମେଷର୍ସ ଲିଣ୍ଡେ ସହିତ ନିରବଚ୍ଛିନ୍ନ ରୂପେ ତରଳ ମେଡିକାଲ ଅମ୍ଳଜାନ (ଏଲ୍‌ଏମ୍‌ଓ) ଯୋଗାଇ ଦେଉଛି। ଓଡ଼ିଶାର ଆବଶ୍ୟକତା ପୂରଣ କରିବା ସହିତ ଆର୍‌ଏସ୍‌ପି ଏହାର ସହଯୋଗୀ ୟୁନିଟ ସହ ଗୁଜୁରାଟ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଛତିଶଗଡ଼ ଭଳି ରାଜ୍ୟକୁ ଏଲ୍‌ଏମ୍‌ଓ ଯୋଗାଇଦେଉଛି। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ ଅନୁଯାୟୀ ଆର୍‌ଏସ୍‌ପି ଏପ୍ରିଲ ୨୨ ତାରିଖ ରାତିରେ ଦିଲ୍ଲୀକୁ ଏଲ୍‌ଏମ୍‌ଓରେ ଭର୍ତ୍ତି ଏକ ଟ୍ୟାଙ୍କର ପଠାଇଛି। ଏପ୍ରିଲ ମାସରେ ଏପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନକୁ ୧୩୦୦ ଟନ ଏଲ୍‌ଏମ୍‌ଓ ଯୋଗାଇ ଦିଆଯାଇଛି।

# ଠେଙ୍ଗାରେ ପିଟି ହତ୍ୟା: ଜଣେ ଅଟକ

**ଦେବଗଡ଼,୨୩।୪(ଡି.ଏନ.ଏ.)**

ଦେବଗଡ଼ ଥାନା ଅନ୍ତର୍ଗତ ସୁଗୁଡା ଗ୍ରାମରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମିଳିଥିବା ସୂଚନା ଅନୁଯାୟୀ ସୁଗୁଡା ଗ୍ରାମର ରବି ସାହୁଙ୍କ ପୁଅ ଧୀର ସାହୁ(୪୮) ଶୁକ୍ରବାର ସକାଳେ ଘରୁ ବାହାରି ଯାଇଥିଲେ ହେଁ ମଧ୍ୟାହ୍ନ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଉକ୍ତ ଗ୍ରାମର ବାସ ପ୍ରଧାନ ଧୀରଙ୍କ ଘରକୁ ଆସିଥିଲେ। ଧୀରଙ୍କ ପୁଅ ସାଗରଙ୍କୁ ତୁମ ବାପା ଗାଁର କାମନାଗୁଡି ମଧ୍ୟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଛନ୍ତି ବୋଲି ସୂଚନା ଦେଇଥଲେ । ସୂଚନା ପାଇ ଧୀରଙ୍କ ପୁଅ ସାଗର ଜଣେ ସମ୍ପର୍କୀୟ ଭାଇଙ୍କ ସହ ସେଠାକୁ ଯାଇ ଦେଖିବା ବେଳକୁ ସେଠାରେ ବାପା ଧୀର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ନିକଟରେ ଏକ ରକ୍ତ ଲଗା ଠେଙ୍ଗା ପଡିଥିବା ଏବଂ କାନ୍ଥରେ ରକ୍ତର ଛିଟା ଲାଗିଥିବା ଦେଖିବାକୁ ପାଇଥିଲେ । ଏହାପରେ ଧୀରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ଅଟୋରିକ୍ସା ସହାୟତାରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଅଣିଥିଲେ । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ସନ୍ଧ୍ୟାରେ ଧୀରଙ୍କ ପୁଅ ସାଗର ଦେବଗଡ ଥାନାକୁ ଆସି ତାଙ୍କ ବାପାଙ୍କୁ କେହି ଠେଙ୍ଗାରେ ପିଟି ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ଏନେଇ ଏକ ମାମଲା ରୁଜୁ କରିବାସହ ଉକ୍ତ ଗ୍ରାମର ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଚନ୍ଦ୍ରମଣି ସୁବୁଦ୍ଧି
ପିପି-୧୩, ପାଣ୍ଡବ ନଗର, ଭୁବନେଶ୍ୱର
ଆବିର୍ଭାବ - ୧୫.୦୫.୧୯୩୩
ତିରୋଧାନ - ୧୪.୦୪.୨୦୨୧

ବୋଉ... ପ୍ରତି ମହୂର୍ତ୍ତରେ ତୁମର ଶୂନ୍ୟସ୍ଥାନ ଆମକୁ ବ୍ୟଥିତ କରୁଛି । ତୁମର ଅନାବିଳ ସ୍ନେହ, ତ୍ୟାଗ ଓ ଭଲପାଇବା ଆମ୍ଭେ କେବେହେଲେ ଭୁଲିପାରିବୁ ନାହିଁ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୦୫୯୧

### ଏକାଦଶତମ ଶ୍ରାଦ୍ଧବାର୍ଷିକୀ



୰ସ୍ନେହଲତା ଷଡ଼ଙ୍ଗୀ
ରତ୍ନାକରବାଗ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ ବାହୁଡ଼ାଯାତ୍ରା

ଇତି ମଧ୍ୟରେ ୧୧ବର୍ଷ ବିତିଗଲାଣି। ତଥାପି ଲାଗୁଛି, ସତେ ଯେପରି ତୁମେ ଆମ ସହିତ ଅଛ। ତୁମ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ଆଦର୍ଶ ଆମକୁ ପ୍ରେରଣା ଦେଉଥାଉ। ତୁମେ ଯେଉଁଠି ଥାଅ, ଶାନ୍ତିରେ ଥାଅ। ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ସ୍ୱାମୀ: କାଳିନ୍ଦୀ ଚରଣ ଷଡ଼ଙ୍ଗୀ ଓ ପରିବାରବର୍ଗ ।

ଧ-୨୦୫୮୬

# ବସ୍‌ରେ ଖୁନ୍ଦାଖୁନ୍ଦି ହୋଇ ଯାତ୍ରୀ ପରିବହନ

**କୁଆଁରମୁଣ୍ଡା,୨୩।୪(ଡି.ଏନ.ଏ.)**

ଦେଶ ତଥା ରାଜ୍ୟରେ କରୋନା ସଂକ୍ରମଣ ହୁହୁ ହୋଇ ବଢିଚାଲିଛି। ଏହାକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାର କୋଭିଡ୍ ଗାଇଡ଼ଲାଇନକୁ କଡ଼ାକଡ଼ି ପାଳନ କରିବା ନିମନ୍ତେ ଜନସାଧାରଣଙ୍କୁ ନିବେଦନ କରୁଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କରାଯାଉଛି। ତଥାପି ମଧ୍ୟ ଏଥିରେ ବହୁ ମାତ୍ରାରେ ଅବହେଳା ହେଉଥିବାରୁ ଏବେ ରାଜ୍ୟରେ କରୋନା ସଂକ୍ରମଣ ପ୍ରତିଦିନ ବଢ଼ିବାରେ ଲାଗିଛି। ଏପରିକି ଏବେ ରାଜ୍ୟରେ ୧୦ହଜାର ମୁହାଁ ଧରିଛି। ଏପରିସ୍ଥଳରେ ସାଧାରଣ ଲୋକେ ସଚେତନ ନ ହେବା ସାଧାରଣରେ ଉଦ୍‌ବେଗ ସୃଷ୍ଟି କରୁଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଶୁକ୍ରବାର ରାଉରକେଲାରୁ ବୀରମିତ୍ରପୁର ହୋଇ ରାଏବୋଗାକୁ ଯାଉଥିବା ଏକ ଯାତ୍ରୀବାହୀ ବସ୍। ଏହି ବସ୍‌ଟି ଅପରାହ୍ନ ପ୍ରାୟ ସାଢେ ୫ଟାରେ କୁଆଁରମୁଣ୍ଡା ଚେକ୍‌ଗେଟ ଛକରେ ସ୍ୱଳ୍ପ ସମୟ ପାଇଁ ଅଟକି ଥିବାବେଳେ ସେଥିରେ ଥିବା ସିଟ୍ ସଂଖ୍ୟାର ଅଢେଇ ଗୁଣ ଯାତ୍ରୀ ଥିଲେ। ବସ୍‌ଟି କୁଆଁରମୁଣ୍ଡାରେ ପହଞ୍ଚିବା ପୂର୍ବରୁ ରାଉରକେଲା ପ୍ଲାଣ୍ଟ ସାଇଟ୍, ଉଦିତ୍ ନଗର, ରଘୁନାଥପାଲ୍ଲୀ, ବ୍ରାହ୍ମଣୀ ତରଙ୍ଗ ଥାନା ଇତ୍ୟାଦି ଅତିକ୍ରମ କରିଥିଲା। ହେଲେ ବସ୍‌ରେ ସିଟ୍ ସଂଖ୍ୟାଠାରୁ ଢେର ଅଧିକ ଯାତ୍ରୀମାନଙ୍କୁ ଖୁନ୍ଦାଖୁନ୍ଦି ଭାବେ ଭର୍ତ୍ତି କରି ନିଆଯାଉଥିଲେ ମଧ୍ୟ କୌଣସି ଥାନା ପକ୍ଷରୁ ଏଥିପ୍ରତି ଦୃଷ୍ଟି ନ ପଡିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବସ୍‌ରେ ଯେତିକି ସଂଖ୍ୟକ ସିଟ୍ ଥିବ ସେତିକି ସଂଖ୍ୟକ ଯାତ୍ରୀମାନଙ୍କୁ ଯାତାୟାତ ନିମନ୍ତେ କୋଭିଡ୍ ଗାଇଡ୍ କରାଯାଇଛି। ମାତ୍ର ଅଧିକ ଲାଭ ରଖି ବସ୍ ମାଲିକମାନେ ନିର୍ଦ୍ଧାରିତ ସିଟ୍ ଠାରୁ ଢେର ଅଧିକ ଯାତ୍ରୀ ପରିବହନ କରୁଥିବାରୁ କରୋନା ସଂକ୍ରମଣ ବୃଦ୍ଧିରେ ଏହା ସହାୟକ ହେଉଛି। ହେଲେ ଏହି ମହାମାରୀ ସମୟରେ ନିୟମ ଉଲ୍ଲଘଂନ କରି ଯାତ୍ରୀ ପରିବହନ କରୁଥିବା ବସ୍ ମାଲିକମାନଙ୍କ ଉପରେ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ଯାତ୍ରୀବାହୀ ବସ୍‌ରେ ଖୁନ୍ଦାଖୁନ୍ଦିଭାବେ ଯାତ୍ରୀମାନଙ୍କୁ ଛିଡା କରି ନିଆଯାଉଛି।

**କରୋନା କଟକଣାକୁ ବେଖାତିର**

## ୪ର୍ଥ ଜନ୍ମଦିନ ଶୁଭେଚ୍ଛା




(ପୁପୁନ୍)
ପ୍ରଭୁ ପ୍ରସାଦ ଦାସ
ଶ୍ରୀରାମ ନଗର, ଓଲ୍ଡ ଟାଉନ, ଭୁବନେଶ୍ୱର

ଆଜି ତୋର ଶୁଭ ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।

-:ଶୁଭେଚ୍ଛା ସହ:-
ତିନି କେକେ, ତିନି ମା', ଅଜା, ଆଈ, ମାମୁ, ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ଖୁଡୀ, ଅପା, ପିଉସା, ସୋମଭାଇ, ବବ୍‌ଲି, ଛବ୍‌ଲି, ଲକି, ଖୁସି, ସାଇ, ତିତ୍‌ଲି, ଓମ୍, ରିସି ଓ ବନ୍ଧୁ ପରିବାରବର୍ଗ ।

ଧ-୬୯୪୯୯

## ବ୍ଲକସ୍ତରୀୟ ନିଯୁକ୍ତି

ନିଜ ପଞ୍ଚାୟତ ଏବଂ ବ୍ଲକ୍‌ରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
8895029591

## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
BALAJI FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

Indus Digilat Tower
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ



R-102, Cyber Building, Bangalore , Karnataka-400021.
6396901850
7505488038

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଠକେଇ ଅଭିଯୋଗରେ ୩ ଗିରଫ

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ପୋଲିସ ଠକେଇ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲାର ଦୀପକ କୁମାର ଲେଙ୍କା, ଅଭୟ କୁମାର ଦାସ ଓ କିଶୋର ଚନ୍ଦ୍ର ସାହୁ। ଏ ନେଇ ଥାନରେ କେସ୍ ନଂ.୧୫୯/୨୧ରେ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ମୁତାବକ ଧନୁପାଲି ଥାନା ସୁନାପାଲି ଅଞ୍ଚଳରେ ଅଭିଯୁକ୍ତମାନଙ୍କର ଏକ ଅଫିସ ରହିଛି। ସେମାନେ ଜିଲା ତଥା ଜିଲା ବାହର ଯୁବତୀଯୁବକଙ୍କୁ ଚାକିରି ଦେବା ପାଇଁ ଡାକୁଥିଲେ। ସେଠାରେ ମେସ୍‌ରେ ରହିବା ପାଇଁ ପ୍ରଥମେ ୮ ହଜାର ଟଙ୍କା ନେଇ ଯାଉଥିଲେ। ପରେ ସେମାନଙ୍କୁ କାମରେ ନିୟୋଜିତ କରୁ ନ ଥିଲେ। ନିଯୁକ୍ତି ପତ୍ର ମଧ ଦେଉ ନ ଥିଲେ। ଏହାକୁ ନେଇ ବୁଧବାର କେତେଜଣ ଯୁବତୀ ଧନୁପାଲି ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ୨୭, ୨୮ରେ ରାଉରକେଲା-ଭୁବନେଶ୍ୱର, ପୁରୀ-ସମ୍ବଲପୁର ଇଣ୍ଟରସିଟି ବାତିଲ

**ସମ୍ବଲପୁର, ୨୩।୪ (ବ୍ୟୁରୋ):** ସଂପ୍ରତି ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଅନ୍ତର୍ଗତ ଶାଳଗାଁ ଓ ଆଠଗଡ ଷ୍ଟେଶନ ମଧରେ ତୃତୀୟ ଏବଂ ଚତୁର୍ଥ ଲାଇନ କାର୍ଯ୍ୟ ଚାଲୁରହିଛି। ଆଠଗଡ ଷ୍ଟେଶନଠାରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ମଧ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସ ୨୭ ଓ ୨୮ ତାରିଖ ରାଉରକେଲା- ଭୁବନେଶ୍ୱର/ଭୁବନେଶ୍ୱର-ରାଉରକେଲା ଏବଂ ସମ୍ବଲପୁର-ପୁରୀ/ପୁରୀ- ସମ୍ବଲପୁର ଇଣ୍ଟରସିଟି ଟ୍ରେନକୁ ବାତିଲ କରାଯାଇଛି। ଶୁକ୍ରବାର ଏ ନେଇ ମଣ୍ଡଳ ରେଳ ଜନସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### କୂଅରେ ପଡ଼ିଥିବା ବଳଦ ଉଦ୍ଧାର

**ନାକଟିଦେଉଳ,୨୩।୪(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ କରଡ଼ାପାଳ ଗ୍ରାମରେ କୂଅ ଭିତରେ ପଡ଼ିଯାଇଥିବା ଏକ ବଳଦକୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି। ସୂଚନା ଅନୁସାରେ ଗ୍ରାମର ଶେଷଦେବ ବାଦୀଙ୍କ ଏକ ବଳଦ ଶୁକ୍ରବାର ସକାଳ ପ୍ରାୟ ୭ଟାରେ ବାଡ଼ିପଟେ ଥିବା କୂଅ ଭିତରେ ପଡ଼ିଯାଇଥିଲା। କୂଅରେ ବିଶେଷ ପାଣି ନ ଥିଲେ ମଧ କାଦୁଅରେ ପରିପୂର୍ଣ୍ଣ ଥିଲା। ଫଳରେ ବଳଦର ୪ଟି ଯାକ ଗୋଡ଼ କାଦୁଅରେ ଫସି ଯାଇଥିଲା। ଗ୍ରାମବାସୀ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ପରେ ସେମାନେ ନାକଟିଦେଉଳ ଅଗ୍ନିଶମ କେନ୍ଦ୍ରକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବଳଦକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିଥିଲେ।

### କୁଳପତିଙ୍କ ଅମାନବୀୟ ବ୍ୟବହାର କାରଣ

**ସମ୍ବଲପୁର,୨୩।୪(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ର ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ। ଏଥିପାଇଁ କୁଳପତିଙ୍କ ଅମାନବୀୟ ବ୍ୟବହାର ମୁଖ୍ୟ କାରଣ। ତେଣୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବହିଷ୍କାର କରାଯାଉ ବୋଲି ପ୍ରଗତିଶୀଳ ଶ୍ରମିକ ମଞ୍ଚ ଦାବି କରିଛି। ସଂଘ ସାଧାରଣ ସମ୍ପାଦକ ରକ୍ଷାକର ଅନୁପମ, ସଭାପତି ଗୋଲକ ବିହାରୀ ନାଥ, ସୁଷମା ସାହୁ, ସୁବନ୍ତୀ ଖଡିଆ, ମନୋଜ ନାଏକ, ଚେରୁମଣି କାଲୋ, ଲାଲାରାମ ଛୁରିଆ ପ୍ରମୁଖ ସମସ୍ତ ଠିକା କର୍ମଚାରୀଙ୍କୁ ନିୟମିତ ସହ ଫେମିଲି ପେନ୍‌ସନ ପ୍ରଦାନ କରିବାକୁ ଦାବି କରିଥିଲେ।

### କରୋନା ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୨୩।୪ (ବ୍ୟୁରୋ):** କରୋନା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ହୀରାକୁଦ ସନ୍ତୋଷୀ ମା' ଛକଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ କରୋନା ସଂକ୍ରମଣରୁ କିପରି ଦୂରେଇ ରହିବେ ସେ ନେଇ ବକ୍ତବ୍ୟ ରଖିଥିଲେ। ବିଜେଡି ସମ୍ବଲପୁର ମହାନଗର ସଭାପତି ପ୍ରଫୁଲ୍ଲ କୁମାର ଦାଶ, ସତ୍ୟଜିତ ମହାପାତ୍ର, ଜ୍ୟୋତ୍ସ୍ନା ପ୍ରଧାନ, ଅଫସାନା ଅଞ୍ଜୁ, ବାମଦେବ ଷଡଙ୍ଗୀ, ମମତା ପଣ୍ଡା, ରବିନ୍ଦର୍ ସିଂ, ରାଜୁ ବେହେରା, କାର୍ତ୍ତିକ କଲେତ ପ୍ରମୁଖ ସାମିଲ ଥିଲେ।

# ଏସ୍‌ୟୁରେ ସିଣ୍ଡିକେଟ ବୈଠକ

# ବୈଧତାକୁ ନେଇ ପ୍ରଶ୍ନ

**ସମ୍ବଲପୁର,୨୩।୪(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ରେ ଶୁକ୍ରବାର ସିଣ୍ଡିକେଟର ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଳପତି ସଞ୍ଜୀବ ମିତ୍ତଲ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ସିଡିସି ନିର୍ଦ୍ଦେଶକ ଅଜୟ କୁମାର ବେହେରା ଉପସ୍ଥିତ ଥିବାବେଳେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମିଶ୍ର, ସମ୍ବଲପୁର ଜୋନ ଆଞ୍ଚଳିକ ନିର୍ଦ୍ଦେଶିକା ଡ. ପ୍ରଭାବତୀ ଗୁରୁ, ଷ୍ଟୁଡେଣ୍ଟ ୱେଲ୍‌ଫେୟାର ନିର୍ଦ୍ଦେଶକ ଡ. ପ୍ରଦୀପ୍ତ କୁମାର ବେହେରା, ବରଗଡ଼ ପଞ୍ଚାୟତ କଲେଜର ଡ. କମଳପ୍ରଭା କପାନୀ, ସୁନ୍ଦରଗଡ଼ କଲେଜର ସୁଧୀର କୁମାର ଦାସ, ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ କଲେଜର ଡ. ରବୀନ୍ଦ୍ର କୁମାର ଦେବତା, ବରଗଡ଼ ମହିଳା କଲେଜର ସୁନୀଲ କୁମାର ଦେବତା, ବେଦବ୍ୟାସ ଡିଗ୍ରୀ କଲେଜର ଆଶୁତୋଷ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସ୍ୱପର୍ଣ୍ଣା ମହାପାତ୍ର, ଅଡିଟର ଅଶ୍ୱିନୀ କୁମାର ସାହୁ ଅନ୍‌ଲାଇନରେ ଯୋଡି ହୋଇଥିଲେ।

ବୈଠକରେ ଦୀନବନ୍ଧୁ ମିଶ୍ରଙ୍କ ଆତ୍ମାହୁତି ଘଟଣା, ତାଙ୍କ ପରିବାର ଓ ଅସ୍ଥାୟୀ କର୍ମଚାରୀଙ୍କ ଦାବି ଉପରେ ଆଲୋଚନା ହୋଇଥିଲା। ଆତ୍ମଦାହ ଘଟଣାରେ ପୋଲିସ ତଦନ୍ତ କରୁଥିବାବେଳେ ଆଇନଗତ ପ୍ରକ୍ରିୟା ଜାରି ରହିଛି। ଏ ଦିଗରେ ପୋଲିସକୁ ସହଯୋଗ କରିବାକୁ ସ୍ଥିର ହୋଇଥିଲା। ମୃତ ଦୀନବନ୍ଧୁଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବି ହୋଇଥିବାବେଳେ ଆଲୋଚନା କରାଯାଇ ୮ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ବରୁ ୫ ଲକ୍ଷ ୫୦ ହଜାର ଦିଆଯାଇଥିଲା ଓ ଏବେ ୨ ଲକ୍ଷ ୫୦ ହଜାର ଟଙ୍କା ଚେକ୍ ମାଧମରେ ପରିବାରକୁ ଦିଆଯିବ। ଚେକ୍ ନେବା ପୂର୍ବରୁ ବିଶ୍ୱବିଦ୍ୟାଳୟ ବିରୋଧରେ କାର୍ଯ୍ୟ କରିବେ ନାହିଁ ବୋଲି ପରିବାର ପକ୍ଷରୁ ଲିଖିତ ଭାବେ ଦାଖଲ କରିବେ। ଦୀନବନ୍ଧୁଙ୍କ ପରିବାର ସଦସ୍ୟଙ୍କୁ କେଉଁ ବିଭାଗରେ କଣ୍ଟ୍ରାକ୍ଟୁଆଲ ନିଯୁକ୍ତି ଦିଆଯିବ ଓ ଏ ଦିଗରେ ବିହିତ ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ। ପୂର୍ବରୁ ଆତ୍ମହତ୍ୟା କରିଥିବା ୨ ଅସ୍ଥାୟୀ କର୍ମଚାରୀଙ୍କ ପରିବାର ଆବେଦନ କରିବା ପରେ କ୍ଷତିପୂରଣ ଦେବା ପାଇଁ ବିଚାର କରାଯିବ। ଅନ୍ୟ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ଉପରେ ବିଭିନ୍ନ କର୍ମଚାରୀ ସଂଗଠନ ସହ ସିଣ୍ଡିକେଟ ଆଲୋଚନା କରିବ। ପର୍ଯ୍ୟାୟକ୍ରମେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଥିଲା। ଅନ୍ୟପକ୍ଷେ ଏହି ସିଣ୍ଡିକେଟ ବୈଠକର ବୈଧତା ନାହିଁ ବୋଲି କର୍ମଚାରୀ ସଂଘ ଅଭିଯୋଗ କରିଛି। ସଂଘ ସଭାପତି ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ କହିଛନ୍ତି, ଦୀନବନ୍ଧୁ ଘଟଣାରେ ଯାହାଙ୍କୁ ଅଭିଯୁକ୍ତ କରାଯାଇଛି ସେ ସିଣ୍ଡିକେଟ ବୈଠକରେ ଅଧକ୍ଷତା କରୁଛନ୍ତି। ତାଙ୍କ ବିରୋଧରେ ଲିଖିତ ଅଭିଯୋଗ ହୋଇ ମାମଲା ରୁଜୁ ହୋଇଛି। ସିଣ୍ଡିକେଟ ବୈଠକରେ କୁଳପତି ରହିବେ ନାହିଁ ବୋଲି ପୂର୍ବରୁ ପୋଲିସ ଓ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତାହା ପ୍ରତାରଣାରେ ପରିଣତ ହୋଇଛି। କୁଳପତି ଉପସ୍ଥିତ ରହିଥିବାରୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ କିଭଳି ଆଲୋଚନା ହୋଇପାରିବ ବୋଲି ପ୍ରଶ୍ନ କରିଥିଲେ। ଦୀନବନ୍ଧୁଙ୍କ ପରିବାରକୁ ୧୫ ଲକ୍ଷ ଦେବା ଉଚିତ। ଜଣେ ତୃତୀୟଶ୍ରେଣୀ କର୍ମଚାରୀ ଅବସର ସମୟରେ ୧୫ ଲକ୍ଷରୁ ଅଧିକ ଟଙ୍କା ପାଇଥାଏ। ନିୟମ ବାହାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକକୁ କର୍ମଚାରୀ ସଂଘ ଖଣ୍ଡନ କରୁଛି। ଶୀଘ୍ର ସଂଘ ଏକ ଜରୁରୀ ବୈଠକ କରି ଆଗାମୀ ରଣନୀତି ସ୍ଥିର କରିବ ବୋଲି ସେ କହିଥିଲେ।

## କ୍ଷତିପୂରଣ ପାଇଁ ଧର୍ମରାଜ ପରିବାରଙ୍କ ଦାବିପତ୍ର

**ସମ୍ବଲପୁର,୨୩।୪(ବ୍ୟୁରୋ)**


ଏସ୍‌ୟୁ ମୁଖ୍ୟ ଗେଟ୍ ସମ୍ମୁଖରେ ମୃତ ଧର୍ମରାଜଙ୍କ ପରିବାର ଓ ସମ୍ପର୍କୀୟ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଅଧୀନରେ ଥିବା ଲଜପତରାୟ କଲେଜର ଅସ୍ଥାୟୀ କର୍ମଚାରୀ ଧର୍ମରାଜ ଦଳପତ କଲେଜ ପରିସରରେ ଆତ୍ମହତ୍ୟା କରିଥିଲେ। କ୍ଷତିପୂରଣ ସହ ପରିବାରର ଜଣଙ୍କୁ ଚାକିରି ଦିଆଯାଉ ବୋଲି ପରିବାର ଲୋକେ ଦାବି କରିଛନ୍ତି। ଶୁକ୍ରବାର ସ୍ତ୍ରୀ ନାରାୟଣୀ ଦଳପତଙ୍କ ସମେତ ସମ୍ପର୍କୀୟମାନେ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲଙ୍କୁ ଭେଟି ଏହି ମର୍ମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଧର୍ମରାଜଙ୍କ ମୃତ୍ୟୁ ପାଇଁ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ। ୩୩ ବର୍ଷ ଧରି କାମ କରୁଥିଲେ ମଧ ଚାକିରି ସ୍ଥାୟୀ କରାଗଲା ନାହିଁ। ଦାବି କଲେ ଓଲଟା ଚାକିରି ଛାଡିଦେବାକୁ ଧମକ ମିଳୁଥିଲା। ଦରମା ମଧ ଠିକ୍ ଭାବେ ଦେଉ ନ ଥିଲେ। ମାନସିକ ଚାପରେ ସେ ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲେ। ଏସ୍‌ୟୁ ପକ୍ଷରୁ ଗଠିତ କମିଟି ତଦନ୍ତ କରୁଥିଲେ ମଧ ତାହା ଶେଷ ହେଉ ନାହିଁ। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ। ଅନ୍ୟପଟେ ଏସ୍‌ୟୁ ପକ୍ଷରୁ ଶୁକ୍ରବାର ହୋଇଥିବା ସିଣ୍ଡିକେଟ ବୈଠକରେ ମୃତ ଦୁଇ କର୍ମଚାରୀ ଧର୍ମରାଜ ଓ ଯୋଗରାଜ ସୁନାଙ୍କୁ କ୍ଷତିପୂରଣ ଓ ସହାୟତା ପାଇଁ ଆଲୋଚନା ହୋଇଥିଲା।

## ଗୋଟିଏ ଦିନରେ ୩ କରୋନା ଆକ୍ରାନ୍ତ ମୃତ

**ଝାରସୁଗୁଡା ଅଫିସ୍, ୨୩।୪**

ଝାରସୁଗୁଡା ଜିଲାରେ ଶୁକ୍ରବାର ଗୋଟିଏ ଦିନରେ ୩ଜଣ କରୋନା ଆକ୍ରାନ୍ତଙ୍କ ଜିଲା କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକମାନେ ଝାରସୁଗୁଡା ବେହେରାମାଲ ସଂହତିନଗର ନିବାସୀ ଜମିଲୁନ୍ ନିଶା(୬୩), ଝାରସୁଗୁଡା ପଞ୍ଚପଡା ନିବାସୀ ଯୁବ ଆଇନଜୀବୀ ତୁଷାରକାନ୍ତ ସେନ୍(୪୩) ଓ ବେହେରାମାଲର ରୋହିତ ନାୟକ(୪୫) ବୋଲି ସୂଚନା ଦେଇଛନ୍ତି ଜିଲା କୋଭିଡ୍ ହସ୍ପିଟାଲ୍ ମୁଖ୍ୟ ଚିକିତ୍ସକ ଡା. ହୃଷୀକେଶ ନାୟକ।

## କୁତ୍ରା ପଞ୍ଚାୟତ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷିତ

**କୁତ୍ରା ୨୩।୪(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲାର କୁତ୍ରା ବ୍ଲକରେ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କୁତ୍ରା ଗ୍ରାମପଞ୍ଚାୟତରେ କ୍ରମାଗତ ଭାବରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସଂକ୍ରମଣକୁ ରୋକିବା ପାଇଁ ଶୁକ୍ରବାର ଉପଜିଲାପାଳଙ୍କ ପକ୍ଷରୁ କୁତ୍ରା ପଞ୍ଚାୟତକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହା ୨୩ ଶୁକ୍ରବାର ଠାରୁ ୩୦ ଶୁକ୍ରବାର ପର୍ଯ୍ୟନ୍ତ ବଳବତ୍ତର ରହିବ। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଛାଡି ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହିତ ଲୋକଙ୍କ ଯାତାୟାତ ମଧ ବନ୍ଦ ରହିବ।

# ଆଉ ୨ ଗ୍ରାମ ନିଷିଦ୍ଧାଞ୍ଚଳ ଘୋଷିତ

**ଦେବଗଡ଼,୨୩।୪(ଡି.ଏନ୍.ଏ.)**

**ଦେବଗଡ଼ ଜିଲାରେ ବଢ଼ିଚାଲିଛି କରୋନା ସଂକ୍ରମିତଙ୍କ ସଂଖ୍ୟା**

ଦେବଗଡ଼ ଜିଲାରେ କରୋନା ଦ୍ୱିତୀୟ ଲହର ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କୋଭିଡ ନିୟନ୍ତ୍ରଣ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ ଜନସାଧାରଣଙ୍କ ମଧରେ ସଚେତନତାର ଅଭାବ ଯୋଗୁ ଜିଲାରେ କରୋନା ସଂକ୍ରମଣ କମିବାର ନାଁ ନେଉ ନାହିଁ। ଏଣୁ କରୋନା ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ୨ଦିନ ପୂର୍ବେ ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡା, ଖୁଣ୍ଟିଆପାଲି, ନିକ୍ତିମାଲ, ସଡୋ, ବରଘାଟ ଓ ହେଟଖମାର, ରିଆମାଳ ବ୍ଲକର କୁମାଳ ଗଣ୍ଡସାହି ଏବଂ ବାରକୋଟ ବ୍ଲକର ବୁଢିବାହାଲ, ବସାଲଇ ଓ କାଲକାଠ ଆଦି ୧୦ଟି ଗ୍ରାମକୁ ନିଷିଦ୍ଧାଞ୍ଚଳ ତଥା ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲା। ଶୁକ୍ରବାର ପୁଣି ତିଲେଇବଣି ବ୍ଲକ ଢୋଲପଡା ପଞ୍ଚାୟତର କାଳିଆଖମାର ଏବଂ କଲଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର ଗ୍ରାମକୁ ଦେବଗଡ଼ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ନିଷିଦ୍ଧାଞ୍ଚଳ ତଥା ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିବା ଜଣାପଡିଛି।

# ସମ୍ବଲପୁର ମଣ୍ଡଳ ଅକ୍ସିଜେନ୍ ଏକ୍ସପ୍ରେସ ଚଳାଚଳକୁ ସୁରକ୍ଷିତ କରିଛି

**ସମ୍ବଲପୁର, ୨୩।୪ (ବ୍ୟୁରୋ)**


ଶୁକ୍ରବାର ଅକ୍ସିଜେନ୍ ବୋଝେଇ ଟ୍ରେନ ସମ୍ବଲପୁରରେ ପହଞ୍ଚିଛି।

କୋଭିଡ୍ ବିରୋଧରେ ଲଢ଼େଇ ଜାରିରଖି ଭାରତୀୟ ରେଳବାଇ ଦେଶର ବିଭିନ୍ନ ସ୍ଥାନକୁ ଇସ୍ପାତ କାରଖାନାରୁ ଅମ୍ଳଜାନ ଯୋଗାଇବା ଲାଗି ଅକ୍ସିଜେନ୍ ଏକ୍ସପ୍ରେସ ଚଳାଇବାକୁ ପ୍ରସ୍ତୁତ ହୋଇଛି। ଏହି କ୍ରମରେ ପୂର୍ବତଟ ରେଳବାଇର ସମ୍ବଲପୁର ମଣ୍ଡଳ ଅଧୀନରେ ଅକ୍ସିଜେନ୍ ସ୍ପେଶିଆଲ ଟ୍ରେନ ଚଳାଚଳକୁ ନିରାପଦ ଓ ଦ୍ରୁତ ଗତିରେ ସୁନିଶ୍ଚିତ କରିଛି। ମହାରାଷ୍ଟ୍ରର କାଲାମ୍ବୋଲି ଗୁଡ୍ସ ସେଡ୍‌ରୁ ୭ଟି ଖାଲି ଟ୍ୟାଙ୍କ ବିଶିଷ୍ଟ ଅକ୍ସିଜେନ୍ ଏକ୍ସପ୍ରେସ ୨୨ ତାରିଖ ଭୋରରେ ବିଶାଖାପାଟଣାସ୍ଥିତ ରାଷ୍ଟ୍ରୀୟ ଇସ୍ପାତ ନିଗମରେ ପହଞ୍ଚିଥିଲା। ଏହାପରେ ପ୍ରତ୍ୟେକ ଟ୍ୟାଙ୍କରେ ୧୫ ଟନ୍ ତରଳ ମେଡିକାଲ ଅମ୍ଳଜାନ ଭର୍ତ୍ତି କରାଯାଇ ରାତ୍ର ସାଢ଼େ ୧୧ଟାରେ ମହାରାଷ୍ଟ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଏହି ଅକ୍ସଜେନ୍ ଏକ୍ସପ୍ରେସ ସମ୍ବଲପୁର ମଣ୍ଡଳରେ ପହଞ୍ଚିବା ପରେ ସୁରକ୍ଷିତ ଭାବେ ରାୟପୁର ମଣ୍ଡଳକୁ ହସ୍ତାନ୍ତର କରିଥିଲା ବୋଲି ମଣ୍ଡଳ ରେଳ ଜନସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

## ପୋଲିସ କାର୍ଯ୍ୟାନୁଷ୍ଠାନରେ ପାତରଅନ୍ତର

**ସମ୍ବଲପୁର,୨୩।୪(ବ୍ୟୁରୋ)**

କରୋନା ମୁକାବିଲା ପାଇଁ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଉଛି। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି। ଧନୁପାଲି ଥାନା ଅନ୍ତର୍ଗତ ସାକ୍ଷିପଡା ଅଞ୍ଚଳର ଏକ ଗ୍ରୋସେରି ଦୋକାନ ମାଲିକଙ୍କୁ ପୋଲିସ ଛାଡିଦେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ପୋଲିସ ଟିମ୍ ପହଞ୍ଚି ଦୋକାନ ସିଲ୍ କରିବାକୁ କହୁଥିବା ସମୟରେ ମାଲିକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ପୋଲିସ ସେଠାରୁ ଚାଲିଆସିଥିଲା। ଏ ସମ୍ପର୍କରେ ଧନୁପାଲି ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି, କୌଣସି ଯୁକ୍ତି ହୋଇ ନାହିଁ। ଦୋକାନରେ ୩ ଜଣ ଗ୍ରାହକ ରହିଥିଲେ। ସାମାଜିକ ଦୂରତା ଓ ମାସ୍କ ପିନ୍ଧିବାକୁ କଡା ତାଗିଦ କରାଯାଇଥିଲା।

## ସାପ କାମୁଡ଼ାରେ ଜଣେ ମୃତ

**ରାଜଗାଙ୍ଗପୁର, ୨୩।୪ (ଡି.ଏନ.ଏ.)**

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କାଂଶବାହାଲ ଫାଣ୍ଡି ଅଧିନସ୍ଥ ଚୁଙ୍ଗିମାଟି ଗ୍ରାମରେ ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଝିରଗା ମିଞ୍ଜ (୪୮) ଗତ ରାତି ୧୨ଟାରେ ଶୋଇଥିବା ଅବସ୍ଥାରେ ବିଷଧର ସର୍ପ ତାଙ୍କୁ କାମୁଡିବାରୁ ତାଙ୍କ ନିଦ ଭାଙ୍ଗିଯାଇଥିଲା। ପରିବାର ଲୋକଙ୍କ ସହାୟତାରେ ତାଙ୍କୁ ରାଉରକେଲା ସରକାରୀ ଚିକିତ୍ସାଳୟ (ଆର୍‌ଜିଏଚ୍)କୁ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସଫେଇ କର୍ମଚାରୀଙ୍କ ଆନ୍ଦୋଳନ


ଆନ୍ଦୋଳନକାରୀ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ଠିକାସଂସ୍ଥା କର୍ତ୍ତୃପକ୍ଷ।

**ଝାରସୁଗୁଡ଼ା ଅଫିସ,୨୩।୪**

**ଝାରସୁଗୁଡ଼ା ପୌର ପରିଷଦ**

ଝାରସୁଗୁଡ଼ା ପୌର ପରିଷଦ ସଫେଇ କାର୍ଯ୍ୟରେ ନିୟୋଜିତ ବ୍ୟାଟେରି ଚାଳିତ ଅଟୋରିକ୍ସା ଚାଳକମାନେ ୩ଦଫା ଦାବି ନେଇ ଶୁକ୍ରବାର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ପୌର ପରିଷଦର ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଠିକାସଂସ୍ଥା କର୍ତ୍ତୃପକ୍ଷ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୨ଦିନ ମଧ୍ୟରେ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଚାଲିଥିବା ଆନ୍ଦୋଳନରେ ନାଗିନ୍ ଗୁରୁଙ୍ଗ, ବବିତା ଦେବୀ, ପଲ୍ଲଭୀ ଦାସ, ରାଣୀ ଠାକୁର, ଅଞ୍ଜଳି ଦେବୀ ପ୍ରମୁଖ ବହୁ ମହିଳା ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ୩ଦଫା ଦାବି ମଧ୍ୟରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ପ୍ରମାଣପତ୍ର, ଜୋତା, ଗ୍ଲୋବସ୍, ହେଲମେଟ୍ ସୁରକ୍ଷା ଉପକରଣ ଓ ଅଟୋରିକ୍ସା ମରାମତି ଆଦି ରହିଛି।

## ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ପକ୍ଷରୁ ସଚେତନତା

**ସମ୍ବଲପୁର, ୨୩।୪ (ବ୍ୟୁରୋ)**

କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। କମ୍ପାନୀ ନିକଟସ୍ଥ ଠେଲକୋଲୋଇ ଗ୍ରାମର ପଡାଗୁଡିକ ସାନିଟାଇଜ କରାଯାଇଥିଲା। ସେହିପରି ଅଞ୍ଚଳରେ ଥିବା ଦୋକାନ ଓ ପରିବା ବଜାର ମଧ ସାନିଟାଇଜ କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। କମ୍ପାନୀର ଅଧିକାରୀ ପ୍ରମୋଦ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଶିକ୍ଷକଙ୍କୁ ସୁରକ୍ଷା ସାମଗ୍ରୀ ଯୋଗାଣ ଦାବି

**ସମ୍ବଲପୁର,୨୩।୪(ବ୍ୟୁରୋ)**

କରୋନା ମୁକାବିଲା ପାଇଁ ଶିକ୍ଷକମାନେ କୋଭିଡ୍ ଯୋଦ୍ଧା ଭାବେ କାର୍ଯ୍ୟ କରୁଛନ୍ତି। ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ସହରର ବିଭିନ୍ନ ଛକରେ ସେମାନଙ୍କୁ ନିୟୋଜିତ କରାଯାଇଛି। ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ଛକରେ ଶୁକ୍ରବାର ଟାଣ ଖରାରେ କେତେଜଣ ଶିକ୍ଷକ ଛିଡା ହୋଇ ବସ୍‌କୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। କେବଳ ମାନେଶ୍ୱର ନୁହେଁ ବଡେମୁରା, ଅଇଁଠାପାଲି, ଯୁଯୁମୁରା, ରେଢାଖୋଲ, ଧନୁପାଲି, ଜମନକିରା, କୁଚିଣ୍ଡା ପ୍ରଭୃତି ସ୍ଥାନରେ ଶିକ୍ଷକମାନେ ନିୟୋଜିତ ରହିଛନ୍ତି। ପ୍ରବାସୀ ଶ୍ରମିକ କେଉଁ ବସ୍‌ରେ ଓହ୍ଲାଉଛନ୍ତି ତାହାକୁ ସେମାନେ ଅପେକ୍ଷା କରୁଛନ୍ତି। ବସ୍‌ରେ ଯେଉଁମାନେ ଆସୁଥିଲେ ସେମାନଙ୍କର ଥର୍ମାଲ ସ୍କ୍ରିନିଂ କରୁଥିଲେ। ତାପମାତ୍ରା ଅଧିକ ଥିଲେ ନାମ, ଠିକଣା ସଂଗ୍ରହ କରି ସ୍ୱାସ୍ଥ୍ୟ ବିଭାଗକୁ ଖବର ଦେଉଥିଲେ। ହେଲେ କାର୍ଯ୍ୟରତ ଶିକ୍ଷକମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ସୁବିଧା କରାଯାଉ ନ ଥିବା ଅଭିଯୋଗ ହେଉଛି। ଟାଣଖରା ସମୟରେ ଛାଇ କିମ୍ବା ପିଇବା ପାଣି ବ୍ୟବସ୍ଥା କରାଯାଇ ନ ଥିଲା। ଏପରି କି ମାସ୍କ, ସାନିଟାଇଜର ଆଦି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଶିକ୍ଷକମାନଙ୍କୁ ଆବଶ୍ୟକ ସମସ୍ତ ସାମଗ୍ରୀ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।


ମାନେଶ୍ୱର ଛକରେ ବସ୍‌କୁ ଅପେକ୍ଷା କରିଥିବା ଶିକ୍ଷକମାନେ।

# ଏମ୍‌ସିଏଲ୍ ଡୋଜରିଂକୁ ୨ ଗ୍ରାମବାସୀଙ୍କ ବିରୋଧ

**ଝାରସୁଗୁଡ଼ା ଅଫିସ,୨୩।୪**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ଲଖନପୁର ଖୋଲାମୁହଁ କୋଇଲାଖଣି ତରଫରୁ ଶୁକ୍ରବାର ସଶସ୍ତ୍ର ପୋଲିସ୍ ଫୋର୍ସନେଇ ବଳପୂର୍ବକ ବିସ୍ଥାପିତ ଟିଙ୍ଗିସ୍‌ମାଲ୍ ଓ ଖଇରକୁନି ଗ୍ରାମର କେତେକ ଘର, ଚାଷଜମି, ରାସ୍ତା, କଟା, ବନ୍ଧ ଆଦି ଜଳାଶୟକୁ ବୁଲ୍‌ଡୋଜରିଂ କରି ମାଟିରେ ମିଶାଇ ଦେଇଛନ୍ତି। ଏହାକୁ ଉଭୟ ଗ୍ରାମର ବିସ୍ଥାପିତ ଲୋକେ ବିରୋଧ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଟିଙ୍ଗିସ୍‌ମାଲ୍ ଗ୍ରାମର ତାରାବତୀ ଭୋଇଙ୍କ ଘରକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦିଆଯାଇଛି। ତାଙ୍କ ଘରର ଆସବାପତ୍ରକୁ ପୋଲିସ ନେଇ ଲଖନପୁର ଥାନାରେ ରଖିଛି। ତାରାବତୀଙ୍କୁ ପୋଲିସ ନେଇ ଥାନାରେ ଅଟକ ରଖିଛି।


ଟିଙ୍ଗିସ୍‌ମାଲ୍ ଗ୍ରାମର ଜମି ଉପରେ ଚାଲିଛି ବୁଲ୍‌ଡୋଜର।

ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି, ତାଙ୍କୁ ହକ୍ ଦିଆ ନ ଯାଇ ତାଙ୍କପ୍ରତି ଏମ୍‌ସିଏଲ୍ ଅବିଚାର କରିଛି। ସେହିପରି ଖଇରିକୁନି ଗ୍ରାମର ଦୀନେଶ ସେନାପତି, ଆଶିଷ ସେନାପତି, ବବିରାଣି ସେନାପତି, ସୁକାନ୍ତି ସେନାପତି ଓ ଲୁକୁ ସେନାପତି ପ୍ରମୁଖ କମ୍ପାନୀର ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ଗ୍ରାମର ଦୀନେଶ ଓ ଆଶିଷ ଚାକିରି ପାଇଁ ଅନେକଥର ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ମଧ ଏହାକୁ ରକ୍ଷା କରିବା ପରିବର୍ତ୍ତେ ବଳପୂର୍ବକ ଜମି ଅକ୍ତିଆର କରିଛି ବୋଲି ଅଭିଯୋଗ କରିଛନ୍ତି। କମ୍ପାନୀର ଏହି ଡୋଜ୍‌ରିଂରେ ଖଣି ପ୍ରକଳ୍ପ ଅଧିକାରୀ ବୀରେନ୍ଦ୍ର ସିଂହ, ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ, ଆଇଆଇସି ପବିତ୍ର କିଷାନ ପ୍ରମୁଖଙ୍କ ସମେତ ସଶସ୍ତ୍ର ଫୋର୍ସ ମୁତୟନ ହୋଇଥିଲେ। କମ୍ପାନୀର ଏଭଳି ବଳପୂର୍ବକ ଡୋଜ୍‌ରିଂକୁ ଲଖନପୁର କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିଞ୍ଝେ ସାହୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଆର୍‌ପିଡିଏସି ବୈଠକ ନିଷ୍ପତ୍ତିକୁ କମ୍ପାନୀ ପାଳନ କରୁନାହିଁ। ଫଳରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକେ ସେମାନଙ୍କ ହକ୍‌ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରକଳ୍ପ ଅଧିକାରୀ ସିଂହ କହିଛନ୍ତି, ବିସ୍ଥାପିତ ଓ ପୁନର୍ବାସ ଥଇଥାନ ନିୟମ ଅନୁଯାୟୀ କମ୍ପାନୀ ଲୋକଙ୍କୁ ସୁବିଧା ସୁଯୋଗ ପ୍ରଦାନକରି ଜମି ଅଧିଗ୍ରହଣ କରିଛି। ଏଥିରେ କୌଣସି ଅନିୟମିତତା ହୋଇନାହିଁ।

## ରାସ୍ତାରେ ବହୁଛି ଡ୍ରେନ ପାଣି

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମରେ ଆବର୍ଜନା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। କେତେକ ସ୍ଥାନରେ ତାହା ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ଗାଁ ଦାଣ୍ଡରେ ପାଦରେ ଚାଲି ଚାଲି ଗଲେ ଲୋକେ ଆବର୍ଜନା ପାଣି ମାଡି ଯାଉଥିବା ଦେଖିବାକୁ ମିଳୁଛି । ଡ୍ରେନ ପୋତି ହୋଇ ଯାଇଥିବା ଏବଂ ଲୋକେ ଆବର୍ଜନା ପାଣି ଦାଣ୍ଡକୁ ନିଷ୍କାସନ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଡ୍ରେନ ସଫେଇ ପାଇଁ ପଞ୍ଚାୟତକୁ ଲକ୍ଷ ଲକ୍ଷ ଟଙ୍କା ଆସୁଛି ହେଲେ ତାହା କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି ।

**ସଂକ୍ଷେପରେ**

## କୋଭିଡ୍ ଚିକିତ୍ସା ପାଇଁ ୧୨ଡାକ୍ତର

**ବରଗଡ଼ ଅଫିସ,୨୩।୪:** ବରଗଡ଼ ଜିଲାରେ କରୋନା ସଂକ୍ରମଣ ଅଣାୟତ୍ତ ହୋଇଛି । ଏହାକୁ ମୁକାବିଲା କରିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି। ଏହି କ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୁରୁବାର କୋଭିଡ୍ ଚିକିତ୍ସା ପାଇଁ ୧୨ଜଣ ଡାକ୍ତରଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଛି। ସେମାନେ ହେଲେ ଡା. କୃଷ୍ଣବଲ୍ଲଭ ବାରିକ, ଡା. ଚିତ୍ତରଞ୍ଜନ ମେହେର, ଡା. ଜ୍ଞାନନନ୍ଦ ସାହୁ, ଡା. ପୁଷ୍ପଲତା ସାମନ୍ତ, ଡା. ଅଶୋକ କୁମାର ମହାନନ୍ଦ, ଡା. ସୁବୋଧ କୁମାର ସାହୁ, ଡା. ଗୌତମ ବିଶ୍ୱାଳ, ଡା. ହର୍ଷ କୁମାର ପାଣିଗ୍ରାହୀ, ଡା. ଜିତେନ୍ଦ୍ର କୁମାର ଆଚାର୍ଯ୍ୟ, ଡା. ମନୋରଞ୍ଜନ ଦେବତା, ଡା. ନରେନ୍ଦ୍ର କୁମାର ରାଉତ ଏବଂ ଡା. ନିତ୍ୟାନନ୍ଦ ମହାପାତ୍ର ।

## ବାଲ୍ୟ ବିବାହ ବନ୍ଦ କଲା ପ୍ରଶାସନ

ଲୋଇସିଂହା,୨୩।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଅନ୍ତର୍ଗତ ବିରେକେଲ ଗ୍ରାମର ଜଣେ ନାବାଳିକାଙ୍କ ବିବାହକୁ ଶୁକ୍ରବାର ପ୍ରଶାସନ ରୋକିଛି । ବିରକେଲ ଗ୍ରାମର ଉକ୍ତ ନାବାଳିକାଙ୍କ ବିବାହ ପୁଇଁନ୍ତଲା ଗ୍ରାମରେ ସ୍ଥିର ହୋଇଥିଲା । ଆସନ୍ତା ମେ ୪ ତାରିଖରେ ବାହାଘର ଥିଲା । ଏନେଇ ବଲାଙ୍ଗୀର ଚାଇଲ୍ଡ ଲାଇନକୁ ସୂଚନା ମିଳିଥିଲା । ଏହାପରେ ଲୋଇସିଂହା ବ୍ଲକ ବାଲ୍ୟ ବିବାହ ନିଷେଧ ଅଧିକାରୀ ତଥା ସିଡିପିଓ ପ୍ରଜ୍ଞାରାଣୀ ବାରିକ, ଚାଇଲ୍ଡ ଲାଇନ ସଦସ୍ୟ ପରେଶ ସୁନା ଓ ବଲାଙ୍ଗୀର ସଦର ଥାନା ପୋଲିସ କର୍ମଚାରୀ ଶାନ୍ତନୁ ହନୁମାନ ପ୍ରମୁଖ ନାବାଳିକାଙ୍କ ଘରକୁ ଯାଇଥିଲେ । ସେମାନେ ନାବାଳିକା ଓ ତାଙ୍କ ପରିବାର ଲୋକଙ୍କୁ ବାଲ୍ୟବିବାହର କୁପରିଣାମ ଓ ବାଲ୍ୟ ବିବାହ ନିଷେଧ ଆଇନ ସମ୍ପର୍କରେ ବୁଝାଇଥିଲେ । ଏହାପରେ ନାବାଳିକା ଓ ତାଙ୍କ ପରିବାର ଲୋକେ ବିବାହ ବନ୍ଦ କରିବାକୁ ସହମତି ପ୍ରକାଶ କରିଥିବା ଚାଇଲ୍ଡଲାଇନ ସୂତ୍ରରୁ ପ୍ରକାଶ ।

## ସୋଲାର ପ୍ଲାଣ୍ଟ ବନ୍ଦ ପାଇଁ ଦାବିପତ୍ର

ସଇଁତଲା,୨୩।୪ (ଡି.ଏନ.ଏ.): ସଇଁତଲା ବ୍ଲକ ଡୁଙ୍ଗୁରିପାଲି ଗ୍ରାମ ନିକଟରେ ହେବାକୁ ଥିବା ସୋଲାର ପ୍ଲାଣ୍ଟ ବନ୍ଦ କରିବା ଦାବିରେ ଶୁକ୍ରବାର ଗ୍ରାମବାସୀ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ସଇଁତଲା ବ୍ଲକର ଘୁନସରଠାରେ ୨୦୨୦ ମସିହାରେ ଘୁନସର ଓ କଅଁସର ପଞ୍ଚାୟତର ୧୩୦ ଏକର ଗୋଚର ଜମିକୁ ଲିଜ ସୂତ୍ରରେ ନିଆଯାଇ ସେଠାରେ ଏକ ସୋଲାର ପ୍ଲାଣ୍ଟ ନିର୍ମାଣାଧୀନ ଅଛି । ଉକ୍ତ ସୋଲାର ପ୍ଲାଣ୍ଟ ହେବା ସ୍ଥାନରେ ହଜାର ହଜାର ଗଛ କଟାଯାଇଥିଲା । ଜଙ୍ଗଲ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ବୃକ୍ଷରୋପଣ ହୋଇଥିବା ବେଳେ ତାକୁ ମଧ କଟାଯାଇ ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇଛି । ବର୍ତ୍ତମାନ ଉକ୍ତ ପ୍ଲାଣ୍ଟ ନିକଟରେ ଥିବା ଡୁମେରମୁଣ୍ଡା ଗ୍ରାମରେ ଅସହ୍ୟ ଗରମ ଅନୁଭୂତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପୁଣି ଏକ ନୂତନ ସୋଲାର ପ୍ଲାଣ୍ଟ ଡୁଙ୍ଗୁରୀପାଲି ପଞ୍ଚାୟତ ନିକଟରେ ସ୍ଥାପନ ପାଇଁ ସରକାରୀ କର୍ମଚାରୀମାନେ ସ୍ଥାନ ଚିହ୍ନଟ ଲାଗି ଯାଇଥିବା ବେଳେ ଗ୍ରାମବାସୀ ତାଙ୍କୁ ଏ ନେଇ ପଚାରିଥିଲେ। କର୍ମଚାରୀମାନେ ଜାଗା ଚିହ୍ନଟ କରିବାକୁ ଆସିଛୁ ବୋଲି କହିବା ପରେ ଗ୍ରାମବାସୀ ବିରୋଧ କରି ଶୁକ୍ରବାର ତହସିଲାର ସୁମନ କିଶୋର ଡୁଙ୍ଗଡୁଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯୁଧିଷ୍ଠିର ମାଝୀ, ପାଣ୍ଡବ ଭୁଏ, ଯୌତୁକ ମାଝୀ, ବୃନ୍ଦବନ ସାହୁ, ଅକ୍ରୁର ଭୋଇ, ଛନ୍ଦା ଚରଣ ସିଂ ନାୟକ, ନରହରି ମାଝୀ, କ୍ଷମା ଭୋଇ, ବିକାଶ ଭୋଇ, ଦିନେଶ ଭୋଇଙ୍କ ସମେତ ବିଭିନ୍ନ ଏସ୍ଏଚ୍‌ଜିର ମହିଳା ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ବାଉଁଶୁଣୀ, ୨୩।୪ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଖଲିଆପାଲି ଗ୍ରାମପଞ୍ଚାୟତ ତାଲପଦର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଖମାରୀଙ୍କ ଗୁରୁବାର ରାତିରେ ପରଲୋକ ହୋଇଛି। ତାଙ୍କୁ ୬୪ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି ହୃଦ୍‌ରୋଗରେ ପୀଡିତ ଥିଲେ। ଶୁକ୍ରବାର ତାଙ୍କ ମରଶରୀରକୁ ତାଲପଦର ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଛି। ତାଙ୍କ ବଡପୁଅ ସୁବ୍ରତ ଖମାରୀ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବର୍ଷେ ହେଲା ଆସୁନାହାନ୍ତି ଡାକ୍ତର

**କେସିଙ୍ଗା, ୨୩।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମରେ ଥିବା ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ ଏକ ବର୍ଷ ହେଲା ଡାକ୍ତର ଆସୁନାହାନ୍ତି। ଗତମାର୍ଚ୍ଚ ୨୪ ତାରିଖ ୨୦୨୦ଠାରୁ ଲକ୍‌ଡାଉନଠାରୁ ହସ୍ପିଟାଲକୁ ଡାକ୍ତର ଆସୁନାହାନ୍ତି। ଗତ ୨୦୧୮-୧୯ରେ ଜଣେ ମହିଳା ଡାକ୍ତରାଙ୍କୁ ନିଯୁକ୍ତି ଦିଆଯାଇଥିଲା। ୩ରୁ ୪ ମାସ ପରେ ବାଲସି ହୋମିଓପାଥିକଠାରୁ ମୁଷାନାଳସ୍ଥିତ ହୋମିଓପାଥିକ ହସ୍ପିଟାଲକୁ ଡେପୁଟେଶନରେ ପଠାଯାଇଥିଲା। ଗତବର୍ଷ କରୋନା ସମୟରେ ଡାକ୍ତରାଣୀ ଡେପୁଟେଶନ ଯିବା ବାହାନାରେ ଭୁବନେଶ୍ୱର ଯାଇ ରହିଥିଲେ। ପ୍ରତ୍ୟେକ ହସ୍ପିଟାଲରେ ଡାକ୍ତର ରହିବା ପାଇଁ ଜିଲାପାଳଙ୍କ କଡାନିର୍ଦ୍ଦେଶ ପରେ ଡାକ୍ତରାଣୀ ଭୁବନେଶ୍ୱରରୁ ଆସି କେସିଙ୍ଗା ଗୋଷ୍ଠୀକେନ୍ଦ୍ରରେ ଆଇସୁଲେସନ୍‌ରେ ୧୫ ଦିନ ରହିଥିଲେ। ସେହିଦିନଠାରୁ ଆଜକୁ ଏକ ବର୍ଷ ବିତିଲା ବାଲସି ସରକାରୀ ହସ୍ପିଟାଲରେ ଡାକ୍ତର କିମ୍ବା ଫାର୍ମସିଷ୍ଟ



ବାଲସି ସରକାରୀ ହୋମିଓପାଥିକ ହସ୍ପିଟାଲ।

ନାହାନ୍ତି। ବର୍ତ୍ତମାନ ବାଲସି ଗ୍ରାମରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଗତ ୭ ଦିନ ମଧ୍ୟରେ ୩୧ଜଣ କୋଭିଡ୍‌ରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରେଙ୍ଗାଲି ଗ୍ରାମରେ ୪ଜଣ, କୋକୋଡିମାଲରେ ୨ଜଣ ଏବଂ ମଶାଣୀବନ୍ଧରେ ଜଣେ ଲେଖାଏଁ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ୭ ଦିନ ହେଲା କେସିଙ୍ଗା, ପାଷ୍ଟିକୁଡି ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଡାକ୍ତର ଟିମ ଆସି ଘର ଘର ବୁଲି ଚିକିତ୍ସା କରୁଛନ୍ତି। ଏହି ଗ୍ରାମରେ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଲୋକେ ବାସ କରନ୍ତି। ଏଥି ମଧ୍ୟରୁ ୩୦ ଭାଗ ଲୋକଙ୍କ ଘରେ ଜ୍ୱର ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି। ଆଣ୍ଟିଜେଣ୍ଟ ପରୀକ୍ଷା କରାଯାଇ ମାଗଣାରେ କିଟ ପ୍ରଦାନ କରାଯାଉଛି। ବାଲସି ସରକାରୀ ହୋମିଓପାଥିକ ହସ୍ପିଟାଲରେ ଏକ ବର୍ଷ ହେଲା ଡାକ୍ତର ନ ଥିବାରୁ ଆଖପାଖ ମଶାଣୀବନ୍ଧ, କୋକୋଡମାଲ, କଛାରପଦର, ରେଙ୍ଗାଲି, ଧୂଙ୍ଗିଆମୁଣ୍ଡା, ବାଲସି, ବୁଢ଼ିପଦର, କଲୋନୀପଡାର ପ୍ରାୟ ୫ ହଜାର ଲୋକେ ମୁଷାନାଳସ୍ଥିତ ହୋମିଓପାଥିକ ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ସରକାର କରୋନା ରୋକିବା ପାଇଁ ପଦକ୍ଷେପ ନେଉଥିବା ବେଳେ ବାଲସି ହୋମିଓପାଥିକ ଚିକିତ୍ସାଳୟରେ ଡାକ୍ତର ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଜିଲା ହୋମିଓପାଥିକ ନିରୀକ୍ଷକଙ୍କୁ ପଚାରିବାରୁ ବାଲସିରେ ଡାକ୍ତର ରହିବାକୁ ଇଚ୍ଛା କରୁନାହାନ୍ତି ବୋଲି ପ୍ରକାଶ କରିଥିଲେ।

**ବାଲସି ସରକାରୀ ହୋମିଓପାଥିକ ହସ୍ପିଟାଲ**
- ବାଲସିରେ କରୋନା ସଂକ୍ରମଣ ବୃଦ୍ଧି
- ୭ ଦିନରେ ୩୮ ପଜିଟିଭ ଚିହ୍ନଟ

# ମଦଦୋକାନ ଉଚ୍ଛେଦ ଦାବି ଜୋର ଧରିଲା

**ବିନିକା,୨୩।୪(ଡି.ଏନ୍.ଏ)**

- ଜିଲା ଦଳିତ କଲ୍ୟାଣ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ
- ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ସୁବର୍ଣ୍ଣପୁର ଜିଲା ବିନିକା ସହର ମଧ୍ୟରେ ବିଦେଶୀ ଓ ଦେଶୀ ମଦ ଦୋକାନ ଦଳିତ ବସ୍ତି ନିକଟରେ ଦୀର୍ଘ ଦିନରୁ ଚାଲି ଆସୁଛି। ଏହାକୁ ତୁରନ୍ତ ଉଚ୍ଛେଦ କରିବା ଦାବି ଜୋର ଧରିଛି । ଶୁକ୍ରବାର ଏ ନେଇ ଜିଲା ଦଳିତ କଲ୍ୟାଣ ସଂଘ ପକ୍ଷରୁ ଏକ ଦାବିପତ୍ର ବିନିକା ଥାନାରେ ଦିଆଯାଇଛି। ଏହାର ନକଲ ଜିଲାପାଳ, ଏସପି ଓ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଡାକ ଯୋଗେ ପ୍ରେରଣ କରାଯାଇଛି। ଦାବି ପୂରଣ ନ ହେଲେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ସୋନପୁର-ବିନିକା ମୁଖ୍ୟ ରାସ୍ତା ପାର୍ଶ୍ୱ ତଥା ବିନିକା ଡିଗ୍ରୀ କଲେଜ ଛକ ନିକଟରେ ବିଦେଶୀ ଓ ଦେଶୀ ମଦ ଦୋକାନ ଚାଲିଛି। ଫଳରେ ମଦ ପିଇବାକୁ ନେଇ ଅଧିକାଂଶ ଦଳିତ ପରିବାରଙ୍କ ଘରେ କଳି ତକରାଳ ଓ ଗଣ୍ଡଗୋଳ ହେଉଛି । ମଦ ପିଇ ବହୁ ବ୍ୟକ୍ତି ସର୍ବସ୍ୱାନ୍ତ ହେଉଛନ୍ତି। ଏଥିଯୋଗୁ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ଚୋରି, ଲୁଟ୍‌ପାଟ ମଧ ବଢୁଛି । ନିକଟସ୍ଥ ହୋଟେଲ ଓ ଢାବାକୁ ମଦ ଅବାଧରେ ଚାଲାଣ ହେଉଛି। ଖୋଲା ଯାଇଥିବା ମଦ ଦୋକାନ ଉଚ୍ଛେଦ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ଶୁକ୍ରବାର ଜିଲା ଦଳିତ କଲ୍ୟାଣ ସଂଘ ସଭାପତି ମହେନ୍ଦ୍ର ସୁନାଙ୍କ ଆହ୍ୱାନ କ୍ରମେ ସଂଘର ଧରଣୀ ସିକନ୍ଦର, ଅମରେଶ ପୁରୋହିତ, ଶିବଶଙ୍କର ବାଗ,ମୋହନ ବାଗ, ରବୀନ୍ଦ୍ର ବିଭାର ପ୍ରମୁଖ ଥାନାକୁ ଯାଇ ଏସଆଇ ସୂର୍ଯ୍ୟକାନ୍ତ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ୧୩ ପ୍ରକଳ୍ପକୁ ମିଳିଲା ମଞ୍ଜୁରୀ

**ବୌଦ୍ଧ,୨୩।୪(ସ୍ୱ.ପ୍ର)**

**ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା**

କରୋନା ଯୋଗୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଅର୍ଥନୀତି ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ବିଗିଡିଯାଇଥିବା ଆର୍ଥିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କୃଷି ଭିତ୍ତିକ ଉଦ୍ୟୋଗ ସ୍ଥାପନକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏହାଦ୍ୱାରା ଆର୍ଥିକ ଅବସ୍ଥାରେ ସୁଧାର ଆସିବା ସହ ଅନେକ ଲୋକ ସ୍ୱାବଲମ୍ବୀ ହେବେ ଓ ନିଯୁକ୍ତି ସୁଯୋଗ ମଧ ସୃଷ୍ଟି ହୋଇପାରିବ ବୋଲି ଆଶା ରହିଛି। ଗୁରୁବାର ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାସ୍ତରୀୟ କ୍ଷମତାପ୍ରାପ୍ତ କମିଟି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ) ଅନ୍ତର୍ଗତ ୧୩ଟି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଅନୁମୋଦନ ପାଇଥିବା ପ୍ରସ୍ତାବିତ ପ୍ରକଳ୍ପ ତାଲିକାରେ ପ୍ରାଣୀସମ୍ପଦ ପର୍ଯ୍ୟବେସିତ ୧୦ଟି ପ୍ରକଳ୍ପ ଓ ସମନ୍ୱିତ କୃଷି ଭିତ୍ତିକ ୩ଟି ପ୍ରକଳ୍ପ ସ୍ଥାନ ପାଇଛି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଅନୁମୋଦିତ ପ୍ରସ୍ତାବଗୁଡ଼ିକୁ ବ୍ୟାଙ୍କ ଋଣ ଉପଲବ୍ଧ କରାଇବା ସକାଶେ ପଠାଯିବ ବୋଲି କ୍ଷମତା ସମ୍ପନ୍ନ କମିଟି ପ୍ରକାଶ କରିଛି। ପ୍ରକଳ୍ପଗୁଡିକ ମଧ୍ୟରେ ୪ହଜାର କ୍ଷମତା ବିଶିଷ୍ଟ ୮ଟି ଓ ୧୦ ହଜାର କ୍ଷମତା ବିଶିଷ୍ଟ ଗୋଟିଏ ବ୍ରଏଲର କୁକୁଡା ଫାର୍ମ ରହିଛି। ଏଥିସହିତ ୩ଟି ବତକ ଫାର୍ମ ଓ ଗୋଟିଏ ଛେଳି ଫାର୍ମ ପ୍ରସ୍ତାବ ଅନୁମୋଦନ କରାଯାଇଛି। ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ସାରଦା ପ୍ରସାଦ ମିଶ୍ର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଅମିତାଭ ପଣ୍ଡା ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ତେଲଙ୍ଗାନାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ନୂଆପଡ଼ା ଅଫିସ,୨୩।୪**

ନୂଆପଡା ଜିଲା ସିନାପାଲି ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ମାଳପଡା ଗାଁର କ୍ଷେତ୍ର କୂଳଦୀପ ନିଜ ପରିବାର ସହିତ ତେଲେଙ୍ଗାନା ରାଜ୍ୟକୁ କାମ କରିବା ପାଇଁ ଯାଇଥିଲେ। ସେଠାରେ ତାଙ୍କର ଗତ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। କୋଭିଡ୍ କଟକଣା ଯୋଗୁ ମୃତଦେହ ଆଣିବା ସମ୍ଭବ ନ ହେବାରୁ ସେଠାରେ ଶବ ସତ୍କାର କରାଯାଇଥିବା ସୂଚନା ମିଳିଛି।

## ହାଇଦ୍ରାବାଦରୁ ଫେରୁଥିବା ଦାଦନ ଶ୍ରମିକଙ୍କ ଜୀବନ ଗଲା

**ନୂଆପଡ଼ା ଅଫିସ,୨୩।୪**

ହାଇଦ୍ରାବାଦର ଏକ ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିବା ପ୍ରବାସୀ ଦମ୍ପତି ନିଜ ଗ୍ରାମ ନୂଆପଡାକୁ ଫେରୁଥିବା ବେଳେ ବାଟରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ଫଳରେ ୬୩ ନଂ. ଜାତୀୟ ରାଜପଥରେ ତାଙ୍କ ମୃତଦେହ ପଡି ରହିବା ପରି ଦୃଶ୍ୟ ଦେଖିବାକୁ ମିଳିଛି। ନୂଆପଡା ଜିଲା ସିନାପାଲି ବ୍ଲକ ଗୁଣ୍ଡାବାଲି ଗ୍ରାମର ଶ୍ୟାମ ଭୋଇ ଓ ତାଙ୍କ ସ୍ତ୍ରୀ କ୍ଷୀର ଭୋଇ ହାଇଦ୍ରାବାଦରର ଏକ ଇଟାଭାଟି ମାଲିକଙ୍କ ପାଖରେ ୬ମାସ ହେଲା କାମ କରୁଥିଲେ। ଗତ କିଛି ଦିନ ହେବ ଶ୍ୟାମଙ୍କ ଦେହ ଖରାପ ହୋଇଥିଲା। ମାଲିକ ତାଙ୍କୁ ଘରକୁ ଯିବାକୁ କହିଥିଲେ। ସେମାନେ ମଙ୍ଗଳବାର ହାଇଦ୍ରାବାଦଠାରୁ ବାହାରି ବୁଧବାର ସକାଳେ ଏକ ବସ୍ ଯୋଗେ ଛତିଶଗଡ଼-ଓଡ଼ିଶା ସୀମାନ୍ତରେ ପହଞ୍ଚିଥିଲେ। ଚାନ୍ଦିଲିଠାରୁ ଏକ ଅଟୋରେ ଆସିବା ବେଳେ ବାଟରେ ଶ୍ୟାମଙ୍କ ଖାଡ଼ାବାନ୍ତି ହୋଇଥିଲା। ଅଟୋ ଚାଳକ ତାଙ୍କୁ ବୋଡିଗୁମ୍ମା ବ୍ଲକର କସଗୁଡା ନିକଟରେ ଓଲାଇ ଚାଲି ଯାଇଥିଲେ। କିଛି ସମୟ ପରେ ଶ୍ୟାମଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବୋରିଗୁମ୍ମା ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ବୋରିଗୁମ୍ମା ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏକ ସତନ୍ତ୍ର ଗାଡ଼ି ଯୋଗେ ତାଙ୍କ ଗ୍ରାମକୁ ପଠାଇଥଲେ ।

# ୧୦ ଦୋକାନ ସିଲ୍ କଲା ପ୍ରଶାସନ




ବଲାଙ୍ଗୀର ସହରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଦୋକାନଗୁଡିକରେ ଚଢ଼ାଉ କରାଯାଉଛି ।

**ବଲାଙ୍ଗୀର ଅଫିସ, ୨୩।୪**

ବଲାଙ୍ଗୀର ଜିଲାରେ କୋଭିଡ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇ ଚାଲିଛି । ଏହାସତ୍ତ୍ୱେ ବଲାଙ୍ଗୀର ସହରରେ ଦୋକାନ ବଜାର ଓ ଡେଲିମାର୍କେଟରେ କୋଭିଡ ଗାଇଡଲାଇନ୍ ଉଲ୍ଲଂଘନ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି । ଶୁକ୍ରବାର ଜିଲା ପ୍ରଶାସନ ଓ ପୋଲିସର ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ବଲାଙ୍ଗୀର ସହରର ବିଭିନ୍ନ ଦୋକାନ ବଜାରରେ ଅତର୍କିତ ଚଢ଼ାଉ କରିଥିଲେ। ବଲାଙ୍ଗୀର ତହସିଲଦାର ମଘବନ ବାଗ ଏବଂ ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସହରର ୧୦ଟି ଦୋକାନକୁ ସିଲ୍ କରି ଫାଇନ୍ ଆଦାୟ କରିଥିଲେ । ଏହି ଦୋକାନଗୁଡିକରେ ସାମାଜିକ ଦୂରତା ପାଳନ କରାଯାଇ ନ ଥିବା ବେଳେ ପ୍ରବଳ ଭିଡ ଦେଖାଯାଇଥିଲା। କୋଭିଡ ଗାଇଡଲାଇନ୍ ଉଲ୍ଲଂଘନ କରିଥିବାରୁ ଏହି ଦୋକାନ ଗୁଡିକୁ ସିଲ କରାଯିବା ସହ ଦୋକାନୀଙ୍କ ଠାରୁ ୬୫ ହଜାର ଟଙ୍କାର ଫାଇନ୍ ଆଦାୟ କରାଯାଇଥିବା ତହସିଲଦାର ବାଗ ସୂଚନା ଦେଇଛନ୍ତି।

# ଗୋଡ଼ ହରାଇ ଜୀଉଁଛନ୍ତି ଦୁର୍ବିଷହ ଜୀବନ

**ବିନିକା,୨୩।୪(ଡି.ଏନ୍.ଏ.)**

- ସ୍ୱାମୀଙ୍କ ଅବସ୍ଥା ଦେଖି ଲୁହ ଗଡାଉଛନ୍ତି ସ୍ତ୍ରୀ
- ଭିନ୍ନକ୍ଷମ ପ୍ରମାଣପତ୍ର ଥାଇ ବି ମିଳିନି ଭତ୍ତା
- ମିଳିନି ଆବାସ ଯୋଜନାରେ ଘର, ଅନ୍ନପୂର୍ଣ୍ଣା ଚାଉଳ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ଦେଣ୍ଟୁପଦର ଗାଁର ବାସୁଦେବ ଗଡୁଆ(୩୪)। ସ୍ତ୍ରୀ ସୌଦାମିନୀ (୩୦) ଏବଂ ଏକ ବର୍ଷର ଝିଅ ଆରାଧ୍ୟାଙ୍କୁ ନେଇ ତାଙ୍କ ପରିବାର। ପେଶାରେ ଡ୍ରାଇଭର ବାସୁଦେବ ଗାଡି ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ୨୦୨୦ ସେପ୍ଟେମ୍ବର ୨୨ତାରିଖରେ ହଠାତ୍ ତାଙ୍କ ବାମଗୋଡ ଅଚଳ ହୋଇଗଲା। ଚିକିତ୍ସା ପାଇଁ ସୌଦାମିନୀ ସ୍ୱାମୀଙ୍କୁ ବରପାଲି ସରକାରୀ ମେଡିକାଲ ନେଇଥିଲେ। ସେଠାରୁ ଚିକିତ୍ସା ପାଇଁ ଖେଦାପାଲି, ସୋନପୁର ଜିଲା ଡାକ୍ତରଖାନା, ବୁର୍ଲା ନେଇଥିଲେ। ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ନ ଆସିବାରୁ ବାସୁଦେବଙ୍କୁ ୨୫ତାରିଖରେ ଭୁବନେଶ୍ୱରର ଆପୋଲେ ହସ୍ପିଟାଲରେ ଭର୍ତ୍ତି କରାଗଲା। ରକ୍ତ ପ୍ରବାହରୋଧ ଜନିତ ସ୍ନାୟୁରୋଗ(ଭାସ୍କୁଲାର) ବୋଲି ଡାକ୍ତରମାନେ କହିଲେ। ସଂକ୍ରମିତ ହୋଇଯାଇଥିବାରୁ ବାସୁଦେବଙ୍କ ଗୋଡ କାଟିବାକୁ ପଡିବ ବୋଲି ଚିକିତ୍ସା କରୁଥିବା ଡାକ୍ତର କହିଲେ। ଦୁଃଖରେ ଭାଙ୍ଗି ପଡିଲେ ସୌଦାମିନୀ ଓ ତାଙ୍କ ସମ୍ପର୍କୀୟ। ଶେଷରେ ଅକ୍ଟୋବର ୧ତାରିଖରେ ବାସୁଦେବଙ୍କ ବାମଗୋଡ



ସ୍ତ୍ରୀ ସୌଦାମିନୀ ଓ ଝିଅଙ୍କ ସହ ବାସୁଦେବ ଗଡୁଆ।

କାଟି ଦିଆଗଲା। ଏହାର ଏକ ସପ୍ତାହ ପରେ ତାଙ୍କୁ ମେଡିକାଲରୁ ଡାସଚାର୍ଜ କରାଗଲା। ଚିକିତ୍ସା ବାବଦରେ ଖର୍ଚ୍ଚ ହୋଇଥିଲା ମୋଟ ୬ ଲକ୍ଷ ଟଙ୍କା। ଏଥିପାଇଁ ଦୁଇ ଏକର ଚାଷଜମି ବନ୍ଧା ପଡିଥିଲା। ସ୍ତ୍ରୀଙ୍କ ସୁନା ଗହଣା ଓ ସଞ୍ଚିତ ଅର୍ଥ ସବୁ ଚିକିତ୍ସାରେ ସରି ଯାଇଥିଲା।

ଇତିମଧ୍ୟରେ ୬ମାସ ବିତିଯାଇଛି। ଗୋଡ ହରାଇ ଘରେ ବସି ରହିଛନ୍ତି ବାସୁଦେବ। ଘର ଖର୍ଚ୍ଚ ଉଠାଇବା କଠିନ ହେଉଥିବା ବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୃତ୍ରିମ ଗୋଡ ଲଗାଇବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ସ୍ୱାମୀଙ୍କ ଏଭଳି ଅବସ୍ଥାକୁ ଦେଖି ସୌଦାମିନୀ ଆଖିରୁ ଲୁହ ଗଡାଉଛନ୍ତି। ଗତ ମଙ୍ଗଳବାର ପଦ୍ମଶ୍ରୀ ଡ ଜିତେନ୍ଦ୍ର ହରିପାଲ ଏବଂ ଭରସା ପରିବାର ମୁଖ୍ୟ ଉପଦେଷ୍ଟା ନିହାଲ ସିଂ ବାସୁଦେବଙ୍କ ଘରକୁ ଯାଇ ସମବେଦନା ଜଣାଇଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି କରି ତୁରନ୍ତ ସମ୍ବଲପୁର ବାଲିବନ୍ଧା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରରେ ମାଗଣାରେ କୃତ୍ରିମ ଗୋଡ ଲଗାଇବାର ବ୍ୟବସ୍ଥା ହେବ ବୋଲି ସେମାନେ ସୌଦାମିନୀଙ୍କୁ ଆଶ୍ୱାସନା ଦେଇଛନ୍ତି । ଅନ୍ୟପକ୍ଷେ ୭୦ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିବା ବାସୁଦେବଙ୍କୁ ଭିନ୍ନକ୍ଷମ ଭତ୍ତା, ଆବାସ ଯୋଜନାରେ ଘର, ଅର୍ଣ୍ଣପୂର୍ଣ୍ଣା ଯୋଜନାରେ ଚାଉଳ ଯୋଗାଇ ଦେବାକୁ ସୌଦାମିନୀ ପ୍ରଶାସନଙ୍କୁଅନୁରୋଧ କରିଛନ୍ତି।

# କୋଭିଡ୍ ପରିସ୍ଥିତିର ସମୀକ୍ଷା କଲେ ଜିଲାପାଳ



ଖଡିଆଳ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ବୈଠକରେ ଜିଲାପାଳ ସମୀକ୍ଷା କରୁଛନ୍ତି ।

**ଖଡିଆଳ, ୨୩।୪ (ଡି.ଏନ.ଏ.)**

ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ ଶୁକ୍ରବାର ଖଡିଆଳ ଗସ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଖଡିଆଳ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ବୈଠକରେ ପଞ୍ଚାୟତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଖଡିଆଳ ତହସିଲ, ଖଡିଆଳ ଏନ୍‌ଏସି, ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀ ଓ ସମସ୍ତ ନିର୍ବାହୀ ଅଧିକାରୀମାନଙ୍କୁ ନେଇ କୋଭିଡ୍ ପରିସ୍ଥିତିର ସମୀକ୍ଷା କରିଥିଲେ। ଜିଲାରେ କୋଭିଡ୍ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଥିବାରୁ ସମସ୍ତ କରୋନା ଯୋଦ୍ଧାମାନଙ୍କୁ କରୋନାକୁ ପ୍ରତିହାତ କରିବାକୁ ଆହ୍ୱାନ କରିଥିଲେ। କାଭିଡ୍ କେୟାର ସେଣ୍ଟରର ସ୍ଥିତି ଆବଶ୍ୟକ ପଦକ୍ଷେପ ଏବଂ ସଂକ୍ରମଣକୁ ପ୍ରତିହତ କରିବା ବ୍ୟବସ୍ଥା ପାଇଁ ଆହ୍ୱାନ କରିଛନ୍ତି। ନୂଆପଡାରେ ପ୍ରବାସୀ ଓଡ଼ିଆ ଶ୍ରମିକମାନେ ପ୍ରତ୍ୟାବର୍ତ୍ତନ କରୁଥିବାରୁ ସେମାନଙ୍କୁ ହୋମ କ୍ୟାରେଣ୍ଟାଇନରେ ରହିବାକୁ ବ୍ୟବସ୍ଥା କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ।

# ଦୋକାନ ବଜାର ବନ୍ଦ, ରାସ୍ତାଘାଟ ଶୂନଶାନ୍



ଦୋକାନ ବଜାର ବନ୍ଦ ରହିଛି ।

**ଟିଟିଲାଗଡ଼,୨୩।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ପୌରାଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ଦୃଷ୍ଟିରୁ ବ୍ୟବସାୟୀ ସଂଘର ଆହ୍ୱାନକ୍ରମେ ଗତ ବୁଧବାର ସନ୍ଧ୍ୟା ଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ସହରରେ ସମସ୍ତ ଦୋକାନ ବଜାର ବନ୍ଦ ହୋଇଛି। ଫଳରେ ରାସ୍ତାଘାଟ ଶୁନଶାନ୍ ହୋଇପଡିଛି। ଦୈନିକ ସଂକ୍ରମିତ ଚିହ୍ନଟ ହେଉଥିବା ବେଳେ ଟିଟିଲାଗଡ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟାରେ ମଧ ବୃଦ୍ଧି ଘଟୁଛି। ଶୁକ୍ରବାର କରୋନା ଆକ୍ରାନ୍ତ ଜଣେ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ପ୍ରଶାସନ ପକ୍ଷରୁ ସହରରେ ରାତ୍ରୀକାଳୀନ କର୍ଫ୍ୟୁ ତଥା ସପ୍ତାହାନ୍ତ ଶଟ୍‌ଡାଉନ୍ ବଳବତ୍ତର ରହିଛି। ଔଷଧ ଦୋକାନ, ପେଟ୍ରୋଲ, ପନିପରିବା, ଫଳ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଦୋକାନ ଖୋଲା ରହୁଥିବା ବେଳେ ଅନ୍ୟ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। କେତେକ ବ୍ୟାଙ୍କର କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିବାରୁ ଗ୍ରାହକ ସେବା ବନ୍ଦ କରାଯାଇଥିବା ଜଣାଯାଇଛି।

# ନନ୍ଦନବନ ହେବ ପରିବେଶ ପାର୍କ

**ବୌଦ୍ଧ,୨୩।୪(ସ୍ୱ.ପ୍ର)**

**ଜିଲାପାଳଙ୍କ ସମୀକ୍ଷା ବୈଠକରେ ଆଲୋଚନା**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ ବୀରନରସିଂହପୁରଠାରେ ପ୍ରସ୍ତାବିତ ନନ୍ଦନବନକୁ ରାଜ୍ୟ ପରିବେଶ ପାର୍କ କରାଯିବ । ଏ ନେଇ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୀରନରସିଂହପୁର ନିକଟରେ ୧୩୦୭ ଏକର ଜାଗାରେ ଫରେଷ୍ଟ ନର୍ସରୀ ନିର୍ମାଣ କରିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ବାଘ, ହରିଣ, ସାପ ଓ ବିଭିନ୍ନ ପଶୁପକ୍ଷୀଙ୍କ ପାଇଁ ଆବଶ୍ୟକ ସ୍ଥାନ ନିରୂପଣ, ଜଳଉତ୍ସ ଚିହ୍ନଟ, ଔଷଧୀୟ ଚାରାରୋପଣ ପାଇଁ ଜାଗା ଚିହ୍ନଟ, ପ୍ରାଚୀର ନିର୍ମାଣ, ବନ୍ୟଜନ୍ତୁ ଉଦ୍ଧାର ଓ ସଂରକ୍ଷଣ କେନ୍ଦ୍ର, ପର୍ବତ ଜୋନ, ଉଦ୍ୟାନ ତଥା ପାର୍କ ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ ସହ ନନ୍ଦନବନକୁ ରାଜ୍ୟ ପ୍ରକଳ୍ପରେ ସାମିଲ କରିବା ପାଇଁ ଆଲୋଚନା ହୋଇଥିଲା।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୪ ତାରିଖରେ ଜିଲା ପ୍ରଶାସନିକ ଅଧିକାରୀ ଏବଂ ୫-ଟି ବିଭାଗ ଅଧିକାରୀମାନଙ୍କ ଦ୍ୱାରା ନନ୍ଦନବନ ସଫାରୀ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ପିଲର କାମ ଶେଷ ହୋଇସାରିଛି। ଆର୍କିଟେକ୍ଟରଙ୍କ ଠାରୁ ପ୍ଲାନ ଡିଜାଇନ ପ୍ରସ୍ତୁତ କରାଯାଇ ଅଧ୍ୟକ୍ଷ ପଲିଟେକ୍‌ନିକଙ୍କୁ ସମ୍ପୂର୍ଣ୍ଣ ଭାବେ ସର୍ଭେ କାର୍ଯ୍ୟ ଦେଖିବା ପାଇଁ ଜିଲାପାଳ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ୫-ଟି ସ୍ଥାନରେ ଚେକ୍ ଡ୍ୟାମ ନିର୍ମାଣ ସହ ପୂର୍ତ୍ତ ବିଭାଗକୁ ରାସ୍ତା ନିର୍ମାଣ, କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ କେନାଲ ନିର୍ମାଣ, ଉଦ୍ୟାନ ବିଭାଗ ପକ୍ଷରୁ ବୃକ୍ଷରୋପଣ ସହିତ ଉଦ୍ୟାନ ନିର୍ମାଣ ଏବଂ ସମସ୍ତ ଅଧିକାରୀମାନେ ଉକ୍ତ ଜାଗାକୁ ଯାଇ ନିଜ ନିଜ ପ୍ଲାନରେ କଣ କଣ ସାମିଲ କରାଯିବ ତାହା ଉପରେ ମତାମତ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହଯୋଗରେ ଏହି ନନ୍ଦନବନ ପ୍ରକଳ୍ପର ଆନୁଷଙ୍ଗିକ ଭିତ୍ତିଭୂମି ପ୍ରସ୍ତୁତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ନନ୍ଦନବନ ପ୍ରକଳ୍ପର ପାଖାପାଖି ଜାଗାରେ ହୋଟେଲ, ପାର୍କିଂ ସ୍ଥାନ ନିରୂପଣ, ଟିକେଟ କାଉଣ୍ଟର, ସଫାରୀ, ୱାଟର ଜୋନ ଓ ଉଦ୍ୟାନ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଡ୍ରୋନ କ୍ୟାମେରାରେ ଏହି ସମସ୍ତ ଜାଗାର ଭିଡିଓଚିତ୍ର ଉତ୍ତୋଳନ ସହିତ ଚେକ୍ ଡ୍ୟାମ କାମ ଆରମ୍ଭ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ବୌଦ୍ଧ ଜିଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଉପଜିଲାପାଳ ଅଶ୍ୱିନୀ କୁମାର ମେହେର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ବବିତା ଦଳବେହେରା, ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ, ବୌଦ୍ଧଗଡ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତ ବଳିୟାରସିଂହଙ୍କ ସମେତ କୃଷି, ଉଦ୍ୟାନ, ପୂର୍ତ୍ତ, କ୍ଷୁଦ୍ର ଜଳସେଚନ ଓ ଜଳଛାୟା ମିଶନର ଅଧିକାରୀମାନେ ଉପସ୍ଥିତ ଥିଲେ।